

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୪ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 July 2026

Vol.No. 36 ■ No.194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ଆଜି ସିଂହଦ୍ୱାର ଅଭିମୁଖେ ବାହୁଡ଼ିବେ ତିନିଠାକୁର : ୪ଟାରୁ ଆରମ୍ଭ ହେବ ରଥ ଟଣା

ଭୁବନେଶ୍ୱର, ୨୩/୭ (ନି.ପ୍ର): ସରିଆସିଲାଣି ଜନ୍ମବେଦିରେ ଲୀଳାଖେଳା । ରାତି ପାହିଲେ ବାହୁଡ଼ା ଯାତ୍ରା । ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂରତି । ଏଥିପାଇଁ ନୀତି ନିର୍ଘଣ୍ଟ ହେବା ସହ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ, ଆଜି ନବମୀରେ ଥିଲା ଦୁର୍ଲଭ ସନ୍ଧ୍ୟାଦର୍ଶନ । ଚଳିତ ବର୍ଷ ପାଇଁ ଆଡ଼ପ ଦର୍ଶନର ଶେଷ ସୁଯୋଗ । ଯାହାକୁ ହାତଛଡ଼ା କରିନଥିଲେ ଶ୍ରଦ୍ଧାଳୁ । ଭାବର ସହରରେ ଆଜି ବି ଥିଲା ଭକ୍ତଙ୍କ ପ୍ରବଳ ସମାଗମ । କେଉଁଠି ବେଦୀରେ, କେଉଁଠି ବାଲିରେ ଦର୍ଶନ ଦେଉଥିଲେ ସର୍ବବିଦ୍ୟମାନ । ଜନ୍ମବେଦୀରେ ଜଗତର ନାଥଙ୍କୁ ପାଖରୁ ଦେଖିବା ପାଇଁ, ଆଜି ଥିଲା ଏବର୍ଷର ଶେଷ ସୁଯୋଗ । ସନ୍ଧ୍ୟା ୬ଟା ଯାଏଁ ଅତି ଶୃଙ୍ଖଳିତ ଭାବେ



ଚାଲିଥିଲା ନବମୀ ଦର୍ଶନ ବା ସନ୍ଧ୍ୟା ଦର୍ଶନ । କିମ୍ବଦନ୍ତୀ କହେ, ଆଜିର ଦିନରେ ହିଁ ସନ୍ଧ୍ୟା ସମୟରେ ମହାପ୍ରଭୁଙ୍କ ମୁଖମଣ୍ଡଳକୁ ଦେଖିଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ । ଆଉ ସେଇ ଆଧାରରେ ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ ପାଇଁ ଦୂରଦୂରାନ୍ତରୁ ଛୁଟି ଆସିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ । ମନୁଆ ଠାକୁରଙ୍କୁ ମନର କଥା ଜଣାଇବା ସହ, ଆନନ୍ଦମନରେ ପାଇଥିଲେ ଶେଷ ଆଡ଼ପ ଅବଢ଼ା । ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ଅପେକ୍ଷାରତ ତିନି ରଥ । ସାଆନ୍ତଙ୍କୁ ପୁଣି ନୀଳାଚଳଧାମକୁ ବାହୁଡ଼ାଇ ନେବା ପାଇଁ ଶ୍ରୀମନ୍ଦିର ମୁହାଁ ହୋଇ ସଦା ପ୍ରସ୍ତୁତ । ଚାରମାଳ ବି ଥୋଇ ସାରିଲେଣି ଭୋଇ ସେବକ । କେବଳ ଅପେକ୍ଷା ଆସନ୍ତାକାଲିର ଲେଉଟାଣି ତିଥିକୁ । ନୀତି ନିର୍ଘଣ୍ଟ ଅନୁସାରେ, ଭୋର ୪ଟାରେ ହେବ ମଙ୍ଗଳ ଆଳତି । ସକାଳ ଧୂପରେ କେବଳ ଖେଚୁଡ଼ି ଭୋଗ ଲାଗିହେବ । ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ୩୦ ମଧ୍ୟରେ ହେବ ବାହୁଡ଼ା ପହଣ୍ଡି । ୨ଟା ୩୦ରୁ ୩ଟା ୩୦ ଯାଏଁ ଛେରାପହଁରା, ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା । ଅପରାହ୍ନ ୪ଟାରେ ଆରମ୍ଭ ହେବ ରଥଟଣା । ବାହୁଡାଯାତ୍ରା ଶୃଙ୍ଖଳିତ କରିବା ପାଇଁ ୨୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବ । ଆସନ୍ତାକାଲି ସିଂହଦ୍ୱାର ଚକଡ଼ାକୁ ବାହୁଡ଼ିବା ପରେ, ସେଠାରେ ହେବ ସୁନାବେଶ ଓ ଅଧରପଣା । ଏହାପରେ ସୋମବାର ନୀଳାଦ୍ରି ବିଜେ କରିବେ ନୀଳାଦ୍ରିନାଥ ।

## ଆମେରିକା ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ପାଇଁ ମସ୍କୋର ଚେତାବନୀ

ନୂଆଦିଲ୍ଲୀ,୨୩/୭ : ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆୟୋଜିତ ଆସିଆନ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ ଅବସରରେ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ୨୦୨୫ ସେପ୍ଟେମ୍ବର ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତକାର । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲାଭରୋଭ ୱାଶିଂଟନକୁ ଚେତାବନୀ ଦେଇ କହିଛନ୍ତି ଯେ, କିଭର ସରକାରଙ୍କୁ ନିରନ୍ତର ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇବା ସମ୍ପୂର୍ଣ୍ଣ 'ଅଗ୍ରହଣୀୟ' । ଏହାସହ ରୁଷକୁ 'ସାମରିକ ପରାଜୟ' ଦେବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଚଲାଉଥିବା ଅସ୍ଥିରତାକାରୀ ନୀତିକୁ ମଧ୍ୟ ସେ କଡ଼ା ଭାବେ ନିନ୍ଦା କରିଛନ୍ତି । ସେପଟେ



ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୀର୍ଘଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ସମାପ୍ତି ନେଇ ଚର୍ଚ୍ଚା କରିଛନ୍ତି । ଲାଭରୋଭ ଦୋହରାଇଛନ୍ତି ଯେ ରୁଷ କୂଟନୈତିକ ଓ ରାଜନୈତିକ ମାଧ୍ୟମରେ ସମାଧାନ ପାଇଁ ପ୍ରସ୍ତୁତ । ଆମେରିକାର ଧ୍ୟାନ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଥିବା ବେଳେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଶାନ୍ତି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ପାଇଁ ସେ ଆମେରିକୀୟ ଦୂତମାନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ରୁଷର ଶକ୍ତି ଭିତ୍ତିଭୂମି ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣକୁ ସମର୍ଥନ କରିଛନ୍ତି, ଯାହା ଯୁଦ୍ଧ ଶେଷ କରିବାରେ ସାହାଯ୍ୟ କରିପାରେ ।

## ୫% ଡିଏ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୭ (ନି.ପ୍ର): ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଲୋକଙ୍କ ସରକାର ମହଙ୍ଗା ଭତା (ଡିଏ)ରେ ୫% ବୃଦ୍ଧି ଘୋଷଣା କରିଛନ୍ତି । ଏହି ବୃଦ୍ଧି ଜାନୁଆରୀରୁ ପିଛିଲା ଭାବେ ଲାଗୁ ହେବ ଏବଂ କର୍ମଚାରୀମାନେ ଜୁଲାଇ ମାସର ଦରମା ସହ ବର୍ଦ୍ଧିତ ମହଙ୍ଗା ଭତା ପାଇବେ । ଏହି ଜନହିତକର ନିଷ୍ପତି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ରାଜ୍ୟ ସରକାରୀ କର୍ମଚାରୀଙ୍କ କଲ୍ୟାଣ ଓ ସେମାନଙ୍କ ଆର୍ଥିକ ସୁରକ୍ଷା ପ୍ରତି ସରକାରଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

## ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର 'କୁଶା'ର ସଫଳ ଉଡ଼ାଣ ପରୀକ୍ଷଣ କଲା ଡିଆରଡିଓ

ଭୁବନେଶ୍ୱର, ୨୩/୭ (ନି.ପ୍ର): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ୨୩ ଜୁଲାଇ ୨୦୨୬ରେ ଓଡ଼ିଶା ଉପକୂଳ ଏପିଜେ ଅବଦୁଲ କଲାମ୍ ଦ୍ୱୀପରୁ ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର 'କୁଶା'ର ପ୍ରଥମ ସଫଳ ଉଡ଼ାଣ ପରୀକ୍ଷଣ କରିଛି । ଏହି ପ୍ରଥମ ପରୀକ୍ଷଣ ଏକ ଉଚ୍ଚ-ଗତି, ଉଚ୍ଚ-ଉଚ୍ଚତା ବିଶିଷ୍ଟ ଆକାଶମାର୍ଗ ବିପଦକୁ ଅନୁକରଣ କରୁଥିବା ଏକ ଇଲେକ୍ଟ୍ରୋନିକ୍ ଲକ୍ଷ୍ୟ ବିରୁଦ୍ଧରେ କରାଯାଇଥିଲା । କ୍ଷେପଣାସ୍ତ୍ର



ପ୍ରଣାଳୀ ଦ୍ୱାରା ଲକ୍ଷ୍ୟକୁ ସଫଳତାର ସହ ଇଣ୍ଟରସେପ୍ଟ (ନଷ୍ଟ) କରି ଦିଆଯାଇଥିଲା । 'କୁଶା' କ୍ଷେପଣାସ୍ତ୍ର ପ୍ରଣାଳୀ ଲଢୁଆ ବିମାନ, କ୍ଷେପଣାସ୍ତ୍ର, ମାନବିହୀନ ବିମାନ (ୟୁଏଭି) ଏବଂ ବଡ଼ ଶତ୍ରୁ ବିମାନ ସମେତ ଭିନ୍ନ ଭିନ୍ନ ପରିସର ଓ ଉଚ୍ଚତାରେ ଆକାଶ ମାର୍ଗରୁ

◆◆ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ଥମୁନି ନିଟ୍ ତାତି: ଲୋକସଭା ଓ ରାଜ୍ୟସଭାରେ ବିରୋଧୀଙ୍କ ହଙ୍ଗାମା

ନୂଆଦିଲ୍ଲୀ,୨୩/୭ : ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘୋଷଣା କରିଛନ୍ତି । ଏହାସତ୍ତ୍ୱେ ସଂସଦରେ ଆଲୋଚନା ଜିଦରେ ଅଟଳ ଅଛନ୍ତି ବିରୋଧୀ । ଫଳରେ ୪ଦିନ ହେଲା ସଂସଦ ଚାଲିପାରୁନାହିଁ । ସେପଟେ କଂଗ୍ରେସ୍ ଜନତା ପାର୍ଟିର ଆନ୍ଦୋଳନ ତେଜୁଥିବା ବେଳେ ଏହାକୁ ବିଭିନ୍ନ ମହଲରୁ ସମର୍ଥନ ବଢ଼ିବାରେ ଲାଗିଛି । ପ୍ରଶ୍ନପତ୍ର ପ୍ରଘଟ



ପ୍ରତିବାଦରେ ଦିଲ୍ଲୀ ଯନ୍ତର-ମନ୍ତରରେ ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ଘୋଷଣା କରିଛନ୍ତି । ପ୍ରଶ୍ନପତ୍ର ପ୍ରଘଟ ମାମଲାର ତୁରନ୍ତ ଶୁଣାଣି ଓ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଫାଷ୍ଟ ଟ୍ରାକ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଲେଖିଛନ୍ତି, ଦେଶର ଯୁବବର୍ଗଙ୍କ ହିତ ଏବଂ ସୁରକ୍ଷିତ ଭବିଷ୍ୟତ ଆମର ସର୍ବୋଚ୍ଚ ପ୍ରାଥମିକତା । ପ୍ରଶ୍ନପତ୍ର ସମ୍ପର୍କିତ ସମସ୍ତ ମାମଲାରେ ଦୋଷୀଙ୍କୁ କଠୋରରୁ କଠୋରତମ ଦଣ୍ଡ ମିଳିବ । ଯୁବପିଢ଼ିଙ୍କ ସ୍ୱାର୍ଥଠାରୁ ବଡ଼ ଆଉ କିଛି ନୁହେଁ ବୋଲି ମୋଦୀ କହିଛନ୍ତି । ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ଥମୁନି ନିଟ୍ ତାତି ।

◆◆ପୃଷ୍ଠା ୭

## ବଜାରରେ ସୁନା ଓ ରୂପା ଦର ବୃଦ୍ଧି

ନୂଆଦିଲ୍ଲୀ,୨୩/୭ : ଘରୋଇ ସରାଫା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଓ ରୂପା ଦରରେ ଜୋରଦାର ବୃଦ୍ଧି ଦେଖାଯାଇଛି । ଦର ବୃଦ୍ଧି ହେତୁ ଦେଶର ଅଧିକାଂଶ ସରାଫା ବଜାରରେ ସୁନାର ଦାମ ପ୍ରତି ୧୦ ଗ୍ରାମରେ ୨,୧୦୦ ଟଙ୍କାରୁ ୨,୧୯୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି । ସେହିପରି, ରୂପାର ଦାମ ମଧ୍ୟ ପ୍ରତି କିଲୋଗ୍ରାମରେ ୫,୨୦୦ ଟଙ୍କା ବୃଦ୍ଧି ପାଇଛି । ଦର ବୃଦ୍ଧି ପରେ ଦେଶର ଅଧିକାଂଶ ସରାଫା ବଜାରରେ ୨୪ କ୍ୟାରେଟ୍ ସୁନାର ଦାମ ଆଜି ପ୍ରତି ୧୦ ଗ୍ରାମକୁ ୧,୪୬,୪୨୦ ଟଙ୍କାରୁ ୧,୪୬,୫୭୦ ଟଙ୍କା ମଧ୍ୟରେ କାରବାର ହେଉଛି । ସେହିପରି, ୨୨ କ୍ୟାରେଟ୍ ସୁନାର ଦାମ ପ୍ରତି ୧୦ ଗ୍ରାମକୁ ୧,୩୪,୩୧୦ ଟଙ୍କାରୁ ୧,୩୪,୪୬୦ ଟଙ୍କା ମଧ୍ୟରେ ରହିଛି । ରୂପାର ଦରରେ ମଧ୍ୟ ବୃଦ୍ଧି ହେବାରୁ ଦିଲ୍ଲୀ ସରାଫା ବଜାରରେ ଆଜି ରୂପା ପ୍ରତି କିଲୋଗ୍ରାମକୁ ୨,୪୦,୧୦୦ ଟଙ୍କାରେ ବିକ୍ରି ହେଉଛି ।

## ରାଜ୍ୟରେ କୋଭିଡ୍ ପରିସ୍ଥିତି ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩/୭ (ନି.ପ୍ର): ରାଜ୍ୟରେ କୋଭିଡ୍ ପରିସ୍ଥିତି ନାହିଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର । ସେ କହିଛନ୍ତି ଯେ ବର୍ତମାନ କୋଭିଡ୍ ସାଧାରଣ ଥଣ୍ଡା, ଜ୍ୱରରେ ସୀମିତ ଅଛି । ଗଞ୍ଜାମ ଖବର ଗଣମାଧ୍ୟମରୁ ମିଳିଛି । ୨ ଜଣ ଗୋଭିଡ୍ ଆକ୍ରାନ୍ତ ସଂଘରୋଧରେ ଘରେ ଅଛନ୍ତି ଏବଂ ଜଣେ ହସ୍ପିଟାଲରେ ଅଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଅଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଞ୍ଜୀବ କୁମାରଙ୍କୁ ସିବିଆଇର କ୍ଲିନଚିଟ୍

ନୂଆଦିଲ୍ଲୀ,୨୩/୭ : ନିଟ୍ ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକକୁ ନେଇ ସାରା ଦେଶରେ ଉତ୍ତେଜନା ଲାଗି ରହିଛି । ଏହି ଉତ୍ତେଜନା ମଧ୍ୟରେ ୨୦୨୪ ମସିହାରେ ହୋଇଥିବା ନିଟ ୟୁଜି ପ୍ରଶ୍ନପତ୍ର ଲିକକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ୨୦୨୪ ନିଟ ୟୁଜି ପ୍ରଶ୍ନପତ୍ର ଲିକ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଞ୍ଜୀବ କୁମାର ଓରଫ ସଞ୍ଜୀବ ମୁଖିଆଙ୍କୁ ଆଜି ସିବିଆଇ କ୍ଲିନଚିଟ ଦେଇଛି । ସେ ପ୍ରଶ୍ନପତ୍ର ଚୋରିରେ ସାମିଲ ଥିବାର କୌଣସି ତଥ୍ୟ ସିବିଆଇ ପାଇ ନାହିଁ । କିନ୍ତୁ ବିହାର ପୁଲିସ୍ ସଞ୍ଜୀବ କୁମାରଙ୍କ ନାଁ ଏଫଆଇଆରରେ ଉଲ୍ଲେଖ କରିବା ସହ ତାଙ୍କୁ ମାଷ୍ଟରମାଇଣ୍ଡ ବୋଲି ଚିହ୍ନଟ କରିଥିଲା । ତାଙ୍କୁ ମାଷ୍ଟରମାଇଣ୍ଡ ଭାବେ ବିବେଚନା ଗିରଫ ମଧ୍ୟ କରାଯାଇଥିଲା । ହେଲେ ଏବେ ସିବିଆଇ ତାଙ୍କ



ବିରୋଧରେ କୌଣସି ପ୍ରମାଣ ପାଇ ନଥିବା କହିଛି । ଗୋଟିଏ ପ୍ରେସ ବିବୃତିରେ ସିବିଆଇ କହିଛି ଯେ ୨୦୨୪ରେ ବିହାର ପୁଲିସ ନିଟ ୟୁଜି ୨୦୨୪ ପ୍ରଶ୍ନପତ୍ର ଚୋରି ଘଟଣାର ଖୁଲାସା କରି ମାମଲା ରୁଜୁ କରିଥିଲା । ସେତେବେଳେ ପ୍ରାଥମିକ ଭାବେ ସନ୍ଦେହ ସଞ୍ଜୀବ ମୁଖିଆଙ୍କ ଉପରକୁ ଯାଇଥିଲା । ସେ ଅନ୍ୟ କିଛି ପରୀକ୍ଷା ପ୍ରଶ୍ନପତ୍ର ଚୋରି ବା ଲିକ୍ ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା । ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା । ତଦନ୍ତ ସମୟରେ ଚୋରି ହୋଇଥିବା ନିଟ ୟୁଜି ୨୦୨୪ ପ୍ରଶ୍ନପତ୍ର ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଓ ଲିକ ହୋଇଥିବା ପ୍ରଶ୍ନପତ୍ରର ଲାଭ ପାଇଥିବା

◆◆ପୃଷ୍ଠା ୭

## ସିଏମ୍‌ଓରୁ ଫାଇଲ ଚୋରି ମାମଲା: ଅବସରପ୍ରାପ୍ତ ଆଇଏଏସ ଉପେନ୍ଦ୍ର ନାଥ ବେହେରାଙ୍କୁ ନୋଟିସ୍: ହାଜର ହୋଇନଥିବା ରାଜେଶ ବର୍ମାଙ୍କୁ ପୁଣି ନୋଟିସ୍

ଭୁବନେଶ୍ୱର, ୨୩/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଗୁରୁବାର ଆଉ ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କ ନିକଟକୁ ନୋଟିସ୍ ପଠାଇଛି କ୍ୟାପିଟାଲ ଥାନା ପୁଲିସ । ଜୁଲାଇ ୨୬ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଭୁବନେଶ୍ୱର ୟୁପିଡି ଅଧୀନସ୍ଥ ଏସିପି ଜୋନ୍-୧ କାର୍ଯ୍ୟାଳୟରେ ତଦନ୍ତ ଅଧିକାରୀ ବିପିନ ବିହାରୀ ହୋତା (ଅତିରିକ୍ତ ଆଇଆଇସି, କ୍ୟାପିଟାଲ ଥାନା)ଙ୍କ ନିକଟରେ ହାଜର ହେବାକୁ ପୂର୍ବତନ ଆଇଏଏସ୍ ଅଫିସର ଶ୍ରୀ ବେହେରାଙ୍କୁ କୁହାଯାଇଛି । ତଦନ୍ତ ଅଧିକାରୀ ତଥା କ୍ୟାପିଟାଲ ଥାନା



ଅତିରିକ୍ତ ଆଇଆଇସି ଶ୍ରୀ ହୋତା ଏହି ନୋଟିସ୍ ପଠାଇଥିବା ବେଳେ ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ ତଦନ୍ତ ବେଳେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡୁଛି ଯେ ଉକ୍ତ ମାମଲାର ତଥ୍ୟ ଓ ପରିସ୍ଥିତି ସମ୍ପର୍କରେ ଆପଣ ଅବଗତ ଥାଇପାରନ୍ତି । ତେଣୁ ଆପଣଙ୍କୁ ତଦନ୍ତରେ ପଚରାଉଚରା ଏବଂ ପୂର୍ଣ୍ଣ ସହଯୋଗ ପାଇଁ ୨୬ ତାରିଖ ଦିନ ସକାଳ ୧୧ଟା ସମୟରେ ଭୁବନେଶ୍ୱର ୟୁପିଡି ଏସିପି ଜୋନ୍-୧ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉଛି । ଏହି ମାମଲା ସମ୍ବନ୍ଧୀୟ ଯେକୌଣସି ଦଲିଲ, ରେକର୍ଡ,

◆◆ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬

ଅବଗଣନା

୦୨ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ଘରଭିତରେ ଭାଲୁ: ଭୟରେ ପରିବାର ଅସୁସ୍ଥ ଥିବା ସୂଚନା



ନୀଳଗିରି,୨୩/୦୭ (ନି.ପ୍ର): ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ପାଟଣା ଗାଁର ନେତ୍ରାନନ୍ଦ ବେହେରାଙ୍କ ଘରଭିତର କାଠ ପଲାଭିତରେ ପଶିଯାଇଥିଲା ଏକ ଭାଲୁ। ନେତ୍ରାନନ୍ଦ ସକାଳୁ ଉଠି ବାହାରକୁ ଆସି ହଠାତ କାଠପଲା ଭିତରୁ ସଂ ସଂ ଶବ୍ଦଶୁଣି ଭୟଭୀତ ହୋଇ ଏକ ଭାଲୁ ଶୋଇଥିବାର ଦେଖିବାକୁ ପାଇଥିଲେ। ଭାଲୁଟି କୁଆଡେ ନଯାଇ ଧୀରସ୍ଥିର ଶୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଭାଲୁଟି ଅସୁସ୍ଥଥିବାର ଅନୁମାନ କରାଯାଇଛି। ଏହିଖବର ଗ୍ରାମରେ ପ୍ରଚାରିତ ହେବାପରେ ଭାଲୁଟିକୁ ଦେଖିବାପାଇଁ ଗାଁଲୋକ ରୁଣ୍ଡ ହୋଇଯାଇଥିଲେ। ଭାଲୁକୁ ଉକ୍ତସ୍ଥାନରୁ ବାହାରକରି ଜଙ୍ଗଲକୁ ଘଉଡାଇବା ପାଇଁ ଚେଷ୍ଟାକରି ବିଫଳ ହେବାପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଖବର ପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସାଇରନ ବଜାଇ ଭାଲୁକୁ ସୁରକ୍ଷିତଭାବେ କାଠପଲାରୁ ବାହାର କରି ଗ୍ରାମର ଉଦ୍ୟମି ଯୁବକମାନଙ୍କ ସହଯୋଗରେ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ତେବେ ଲଗାତାର ଭାବେ ତିନିଦିନଧରି ଉକ୍ତ ଗ୍ରାମକୁ ଭାଲୁପଶୁଥିବାରୁ ଗ୍ରାମର ଲୋକମାନେ ଆତଙ୍କିତ ଭାବେ ରହୁଥିବାର କୁହାଯାଉଛି। ଜଙ୍ଗଲରେ ଖାଦ୍ୟଅଭାବ ଯୋଗୁଁ ବନ୍ୟଜନ୍ତୁମାନେ ଗାଁ ମୁହାଁ ହେଉଥିବା କୁହାଯାଉଛି ଫ ବନବିଭାଗ ଜଙ୍ଗଲୀଜନ୍ତୁ ମାନଙ୍କ ସୁରକ୍ଷା ପ୍ରତି ଯେତିକି ଯତ୍ନବାନ ହେଉଛି ସାଧାରଣଜନତାଙ୍କ ପ୍ରତି ମଧ ସେତିକି ଯତ୍ନବାନ ନହେବା ଦୁଃଖ ଓ ପରିତାପର ବିଷୟ। ବନବିଭାଗର ଅପାରଗତା ପାଇଁ କେତେବେଳେ ସ୍ତ୍ରୀ ମଥାରୁ ସିନ୍ଦୁର ଲିଭୁଛି ତ କେତେବେଳେ ପୁଅ ବାପା ଛେଉଣ୍ଡ ହେବାର ବହୁ ନଜିର ଅଛି ଫ ବନବିଭାଗ ବେଳହୁଁ ସାବଧାନ ନହେଲେ ଜଙ୍ଗଲଜନ୍ତୁ ଲୋକଙ୍କ ଆକ୍ରୋଶର ଶିକାରହୋଇ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

# କୋରାପୁଟ ଜିଲ୍ଲାରେ ଲୋପ ପାଇବାକୁ ବସିଲାଣି ପାଟପୋକ

ଜୟପୁର,୨୩/୦୭ (ନି.ପ୍ର): କୋରାପୁଟ ଜିଲାରେ ପ୍ରକୃତିର ଅନନ୍ୟ ଆକର୍ଷଣ, ଅପରୁପ ସୌନ୍ଦର୍ଯ୍ୟର ଅଧିକାରୀ, ଲାଲ ଟୁକୁଟୁକୁ ସାଧବବୋହୁ ଭାବେ ସର୍ବତ୍ର ପରିଚିତ ଥିବା ପାଟପୋକ ଆଉ ଆଗଭଳି ଗାଁଗହଳିର ଘାସ ଗାଲିଚାରେ ଧୀରେ ଧୀରେ ଚାଲିବାର ଦେଖିବାକୁ ମିଳୁନାହିଁ । ବର୍ଷାମାଟିକୁ ସ୍ୱର୍ଶ କରିବା ପରେ ଧରଣୀରାଣୀର କୋଳରୁ ଏହି ପାଟପୋକ ଜନ୍ମ ନେଇଥାନ୍ତି ଓ ବର୍ଷାଭିଜା ନରମ ମାଟିକୁ ଫଟାଇ ତାରି ଭିତରୁ ପଦାକୁ ଆସି ଧୀରେ ଧୀରେ ଚାଲୁଥିବା ଏହି ପାଟପୋକଙ୍କ ସୌନ୍ଦର୍ଯ୍ୟ ଦେଖିଲେ ଲାଗେ ସତେ ଯେମିତି ପ୍ରକୃତିରାଣୀ ତାର ସମସ୍ତ ଗାଢ ରଙ୍ଗକୁ ଏହି ଛୋଟିଆ କୀଟ ଉପରେ ଢାଳିଦେଇଛି ଓ ଉର୍ବର ଜମିରେ ପ୍ରଥମ ବର୍ଷା ପାଣି ପଡିଲେ ଏହି ପାଟପୋକ ଜନ୍ମ ନେଇଥାନ୍ତି । ମାଟି ଭିତରେ ବର୍ଷାଜଳ ପହଞ୍ଚି ଅନୁକୂଳ ତାପମାତ୍ରା ପାଇଲେ ଏହି ପୋକର ଅଣ୍ଡାରୁ ଛୁଆ ଜନ୍ମ ହୋଇଥାଏ । ଏହାପରେ ମାଟିରୁ ଜନ୍ମ ନେଇଥାନ୍ତି ଏହି କ୍ଷୁଦ୍ର ତଥା ଅତି ସୁନ୍ଦର ପାଟପୋକ । ଅତୀତରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭକରି ସହରାଞ୍ଚଳର ଚାଷଜମିରେ ଏହି ପାଟପୋକ ପ୍ରଚୁର ମାତ୍ରାରେ ଦେଖିବାକୁ ମିଳୁଥିଲା । ଛୋଟ ଛୋଟ ପିଲାମାନେ ଏହି ପାଟପୋକକୁ ହାତରେ ଧରି ଆଦର କରିବା ସହ ବେଶ ମଜା ନେଉଥିଲା ବେଳେ ଏହି ପୋକ ଜମିରୁ ପଦାକୁ ବାହାରିଲା ମାତ୍ରେ ଚାଷୀ ସମାଜ ବି ସେମାନଙ୍କ ଜମି ବେଶ ଉର୍ବ ର ଅଛି ବୋଲି ନିଶ୍ଚିତ ହୋଇଯାଉ ଥିଲା । କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ପାଟପୋକ ପ୍ରାୟତଃ ଆଉ ଦେଖିବାକୁ ମିଳୁନାହିଁ । ବିଶ୍ୱ ତାପାୟନ ସାଙ୍ଗକୁ ଅଧିକକାଂଶ ଚାଷଜମିରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ହ୍ରାସ ପାଉଥିବା ଯୋଗୁଁ ଆଉ ପାଟପୋକ ଜନ୍ମ ହେଉନଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏହି ପାଟପୋକ ବର୍ଷକୁ ଥରେ ମାତ୍ର ଅଣ୍ଡା ଦେଇଥାନ୍ତି ଓ ଯଦି ଅନୁକୂଳ ପାଗ ସୃଷ୍ଟି ନହୁଏ ତେବେ ଜମିରେ ହିଁ ଏହା ନଷ୍ଟ ହୋଇଯାଇଥାଏ । ଜୈବବିବିଧତା ରକ୍ଷା ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ କିଛି ବର୍ଷ ପରେ ଏହି ପାଟପୋକ ଇତିହାସ ପାଲଟିଯିବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ମତ ପ୍ରକାଶ ପାଉଛି । ଲାଲ ଟୁକୁଟୁକୁ ସାଧବବୋହୁର ନାଁ ଶୁଣିଲେ ମନରେ ଆନନ୍ଦ ଆସିଯାଇଥାଏ । ପାଟପୋକ ଛୋଟିଆ କୀଟଟିଏ ହୋଇଥିଲେ ବି ଏହାର ଅପୂର୍ବ ସୌନ୍ଦର୍ଯ୍ୟରେ ପିଲାଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ବିମୋହିତ ହୋଇ ପଡି ଥାନ୍ତି ।ପ୍ରକୃତିରାଣୀର ସୌନ୍ଦର୍ଯ୍ୟମୟ ସୃଷ୍ଟି ପାଟପୋକ ସାଂପ୍ରତିକ ପରିସ୍ଥିତିରେ ବିଲୁପ୍ତର ଦ୍ୱାରଦେଶରେ ପହଞ୍ଚିସାରିଛି । ସାଂପ୍ରତିକ ପରିସ୍ଥିତିରେ ପ୍ରଦୂଷିତ ପରିବେଶ ରେ ଏହି ପାଟପୋକର ବଂଶ ଲୋପ ପାଇବାକୁ ବସିଥିବା ବେଳେ ଆଧୁନିକତାର ଚାଦର ତଳେ ଚାପି ହୋଇଗଲାଣି ଏହି ସୁନ୍ଦର ଜୀବ । ଆଉ ପୂର୍ବ ପରି ସବୁଜ ଗାଲିଚାରେ ପାଟପୋକ ଧୀରେ ଧୀରେ ବୁଲାବୁଲି କରୁଥିବାର ଆଉ ଦେଖିବାକୁ ମିଳୁନାହିଁ । ଲାଲ ଟୁକୁ ଟୁକୁ ସାଧବବୋହୁ ଏବି ନାଁଟି ଶୁଣିଲେ ଆଖି ଆଗରେ ନାଚି ଉଠିଥାଏ ସେହି ଭାରି ସୁନ୍ଦରିଆ ପୋକଟିଏ । ଭେଲଭେଟ ଭଳି ଭାରି କୋମଳ । ବିଷେଶ କରି ବର୍ଷା ଦିନରେ ଚାଷଜମି, ଖୋଲଓ ପଡିଆ, ବିଲହୁଡାରେ ଏହି ସୁନ୍ଦରିଆ ଛୋଟିଆ ପାଟପୋକ ବା ସାଧବବୋହୁ ମାନଙ୍କୁ ଦେଖିବାକୁ ମିଳିଥାଏ । ବର୍ଷର ଅଧିକାଂଶ ସମୟ ଏହି ସୁନ୍ଦରିଆ ଜୀବ ପାଟପୋକ ମାଟି ତଳେ ରୁହନ୍ତି ଓ ବର୍ଷା ହେଲେ ବାହାରକୁ ଆସି ଖାଦ୍ୟ ଖୋଜିଥାନ୍ତି ଓ ପ୍ରଜନନ ମଧ କରିଥାନ୍ତି । ବର୍ଷକୁ ଥରେ ମାତ୍ର ଅଣ୍ଡା ଦେଇ ବଂଶ ବିସ୍ତାର କରିଥାନ୍ତି ଓ ତେବେ କୃଷିକାର୍ଯ୍ୟରେ ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଏହି ସୁନ୍ଦରିଆ ଜୀବର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଆଗାମୀ କିଛି ବର୍ଷ ପରେ ଆମର ପରବର୍ତ୍ତୀ ପିଢୀ ପାଇଁ ଏହି ସୁନ୍ଦର ପାଟପୋକ ବିଷୟରେ ଜାଣିବା କେବଳ ପାଠ୍ୟପୁସ୍ତକରେ ସୀମିତ ରହିଯିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି ।

## ୫ କେଜି ଗଞ୍ଜେଇ ଜବତ: ଯୁବକ ଗିରଫ

ଝାରସୁଗୁଡ଼ା,୨୩/୦୭ (ନି.ପ୍ର): ଲଖନପୁର ପୁଲିସ୍ ଏନ୍ଏଚ୍ ୪୯ରେ ଚଢ଼ାଉ କରି ଚୋରା ଗଞ୍ଜେଇ ଚାଲାଣ କରୁଥିବା ଜନୈକ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅଢ଼ାପରା ଗ୍ରାମର ଅଜୟ କୁମାର ନାୟକ (୨୭)। ତାଠାରୁ ୫ କେଜି ୨୯୬ ଗ୍ରାମ ଗଞ୍ଜେଇ ସହ ବାଇକ ଓ ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣମୀ ଓରାମ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଆରକ୍ଷୀ ଅଧକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଲଖନପୁର ପୁଲିସ୍ ପକ୍ଷରୁ ଏସଆଇ ରଶ୍ମି ଓରାମଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ଏନ୍ଏଚ୍ ୪୯ ସ୍ଥିତ ବେହେରାଗୁଡ଼ା ଛକ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଅଜୟ ଏକ ବାଇକରେ କଳା ଏୟାର ବ୍ୟାଗ ନେଇ ଯାଉଥିବା ଦେଖି ସନ୍ଦେହ କରି ପୁଲିସ ତାର ପିଛା କରି ନୂଆଁବନ୍ଧ ଛକରେ ଅଟକାଇଥିଲା। ଏଥି ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଲାଇ ଙ୍କ ଉପସ୍ଥିତିରେ ଏୟାର ବ୍ୟାଗ ଯାଞ୍ଚ କରାଯିବାରୁ ସେଥିରୁ ୫.୨୯୬ କେଜି ଗଞ୍ଜେଇ ମିଳିଥିଲା । ତଦନ୍ତ ସମୟରେ ଅଜୟ କୌଣସି ବୈଧ ଲାଇସେନ୍ସ ବା ଅନୁମତି ବିନା ତାହାକୁ ଚାଲାଣ କରୁଥିବା ସ୍ପଷ୍ଟ ହେବାରୁ ପୁଲିସ୍ ତାଙ୍କୁ ଗିରଫ କରିଥିଲା।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଅବସର-ପୂର୍ବ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶ୍ନୀ' ଅନୁଷ୍ଠିତ




ରାଉରକେଲା ,୨୩/୦୭ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା ର ସିପିଟିଆଇ ଠାରେ ଜୁଲାଇ, ୨୧ ତାରିଖରେ ଏକ ଅବସର-ପୂର୍ବ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶ୍ନୀ' ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଅଧିବେଶନରେ ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଶ୍ରୀ ଏସ ଏସ ରାୟଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଏସଏମ ର ଭାରପ୍ରାପ୍ତ ମହା ପ୍ରବନ୍ଧକ ଶ୍ରୀ ସି ଆର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାରଖାନାର ୬୮ ଜଣ ଅଧିକାରୀ ଏବଂ କର୍ମଚାରୀ, ଯେଉଁମାନେ ଜୁଲାଇ ମାସରେ ସ୍ୱେଚ୍ଛାକୃତ ଅବସର ଆବେଦନ ମାଧ୍ୟମରେ ସେବାନିବୃତ୍ତ ହେବେ, ଏହି ଅଧିବେଶନରେ ଯୋଗ ଦେଇଥିଲେ। 'ରୋଶ୍ନୀ' ର ଅଧିବେଶନଗୁଡ଼ିକରେ ଏକ ସୁଗମ ଅବସରକାଳୀନ ପରିବର୍ତ୍ତନ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଏକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ ଥିଲା। ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ଡାକ୍ତର ଶିବାଲକର ଉକ୍ତ ଅଧିବେଶନରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଏବଂ ଅବସର ପରବର୍ତ୍ତୀ ସୁସ୍ଥ ଜୀବନ ପାଇଁ ରଣନୀତି ବିଷୟରେ ଆଲୋଚନା କରିଥିଲେ। ସାଇବର ସୁରକ୍ଷା ସମସ୍ୟା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଉପ ମହା ପ୍ରବନ୍ଧକ (ସି ଏଣ୍ଡ ଆଇଟି) ଶ୍ରୀ ଭି ପି ଆର୍ଯ୍ୟ ଆଲୋଚନା କରିଥିଲେ, ଯେଉଁଠାରେ ଡିଜିଟାଲ ଯୁଗରେ ଇଣ୍ଟରନେଟର ସୁବିଧା ବିଷୟରେ ବ୍ୟାଖ୍ୟା କରାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଡିଜିଟାଲ ଉପସ୍ଥିତିକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସାଇବର ବିପଦ ଏବଂ ସୁରକ୍ଷା ଜଗତ ବିଷୟରେ ଧାରଣା ପ୍ରଦାନ କରାଯାଇଥିଲା। ଅର୍ଥ ସମ୍ବନ୍ଧୀୟ ଅଧିବେଶନରେ ଉପ ପ୍ରବନ୍ଧକ (ଅର୍ଥ ଏବଂ ବିତ୍ତ) ଶ୍ରୀ ଡି କେ ଦାଶ ସୁଗମ ଚୂଡ଼ାନ୍ତ ଆର୍ଥିକ ଭୁକ୍ତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ସ୍ଥିରତା ନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ଅର୍ଥ ପରିଚାଳନା ପାଇଁ ପ୍ରକ୍ରିୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସହକାରୀ ମହା ପ୍ରବନ୍ଧକ (ଅର୍ଥ ଏବଂ ବିତ୍ତ) ଶ୍ରୀ ପପୁ କୁମାର ଆର୍ଥିକ ସୁରକ୍ଷା ଯୋଜନା ବିଷୟରେ ଆଲୋକପାତ କରି ଥିଲେ । ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପର୍ଯ୍ୟାୟ ସହିତ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଏବଂ ସକ୍ରିୟ ଜୀବନଯାପନ କରିବା ପାଇଁ ସକାରାତ୍ମକ ମାନସିକତା ପ୍ରସ୍ତୁତି ଆବଶ୍ୟକତା ଉପରେ ସହକାରୀ ମହା ପ୍ରବନ୍ଧକ (ସିପି-୨) ଶ୍ରୀ ବାବୁଲା ନାହାକ ଆଲୋଚନା କରିଥିଲେ। କାରଖାନା ର କ୍ୱାର୍ଟର ଖାଲି କରିବା ଏବଂ ରଖିବା ନୀତିର ବିବରଣୀ ଉପରେ ଉପ ପ୍ରବନ୍ଧକ (ଟାଉନ ସର୍ଭିସେସ୍) ଶ୍ରୀ ଭରତ ମହାନ୍ତ ଆଲୋଚନା କରିଥିବା ବେଳେ ସହକାରୀ ମହା ପ୍ରବନ୍ଧକ (ଏଚଆର-ଟିଏ, ଜି, ଇଆର ଏଣ୍ଡ ସି) ଶ୍ରୀ ଅବିନାଶଙ୍କ ଦ୍ୱାରା ସେଲ୍ ମେଡିକ୍ଲେମ୍ ସ୍କିମ୍ ଏବଂ ଏନପିଏସ୍ ଉପରେ ମଧ ତଥ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସହ ପ୍ରବନ୍ଧକ (ଏଚଆର-ଇଆର ଏଣ୍ଡ ସି) ଶ୍ରୀ ଏସ ପି ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଉପ ପ୍ରବନ୍ଧକ (ଏଚଆର- ଇଆର ଏଣ୍ଡ ସି) ଶ୍ରୀ ଏସ କେ ନାୟକ, ଶ୍ରମ ପରିଦର୍ଶକ ଶ୍ରୀ କେ କେ ପରିଡ଼ା ଏବଂ ଶ୍ରୀ ଅବିନାଶଙ୍କ ତତ୍ତ୍ୱାବଧାନରେ ଏଚଆର-ଇଆର ଟିମ୍ ସହିତ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। 'ରୋଶ୍ନୀ' କର୍ମଶାଳାର ଉଦ୍ଦେଶ୍ୟ ହେଉଛି ସେବା ନିବୃତ୍ତ ହେଉଥିବା କର୍ମଚାରୀମାନଙ୍କୁ ସକାରାତ୍ମକତା, ଉତ୍ସାହ ଏବଂ ପ୍ରସ୍ତୁତି ସହିତ କମ୍ପାନୀରୁ ଅବସରକୁ ଗ୍ରହଣ କରିବା ପାଇଁ ଏକ ବ୍ୟାପକ ଭାବରେ ପ୍ରସ୍ତୁତ କରିବା।'

# ମାଲକାନଗିରି ବିମାନବନ୍ଦରରେ ଟ୍ରାଏଲ୍ ରନ୍ ସଫଳ

ମାଲକାନଗିରି,୨୨ ଜୁଲାଇ (ହି.ସ.) - ମାଲକାନଗିରି ଜିଲ୍ଲାରୁ ଆକାଶପଥକୁ ଆଗେଇବାର ସ୍ୱପ୍ନ ଆଜି ଆଉ ଏକ ପାଦ ଆଗକୁ ବଢ଼ିଛି। ସଫଳତାର ସହ ଶେଷ ହୋଇଛି ମାଲକାନଗିରି ବିମାନବନ୍ଦରର ଟ୍ରାଏଲ୍ ରନ୍।ଆଜି ଇଣ୍ଡିଆ ୱାନ୍ ଏୟାର୍ ପକ୍ଷରୁ ଏକ ୯ ସିଟ୍ ବିଶିଷ୍ଟ ବିମାନ ମାଲକାନଗିରି ବିମାନବନ୍ଦରରେ ସଫଳତାର ସହ ଅବତରଣ କରିଥିଲା।ବିମାନଟି ରନୱେରେ ଅବତରଣ କରିବା ପରେ ପ୍ରଶାସନ ପକ୍ଷରୁ ୱାଟର କ୍ୟାନନ୍ ସାଲ୍ୟୁଟ୍ ମାଧ୍ୟମରେ ଏହାକୁ ସ୍ୱାଗତ କରାଯାଇଥିଲା। ବିମାନବନ୍ଦର ପରିସରରେ ଉପସ୍ଥିତ ଥିଲେ ଜିଲ୍ଲା ପ୍ରଶାସନ, ବିମାନବନ୍ଦର କର୍ତ୍ତୃପକ୍ଷ, ସୁରକ୍ଷା ସଂସ୍ଥା ଓ ଇଣ୍ଡିଆ ୱାନ୍ ଏୟାର୍ର ଅଧିକାରୀମାନେ। ଟ୍ରାଏଲ୍ ରନ୍ ପରେ ପାଇଲଟ କହିଛନ୍ତି ଯେ ଅବତରଣ ଓ ରନୱେ ସମେତ ବିଭିନ୍ନ ବ୍ୟବସ୍ଥାର ମୂଲ୍ୟାଙ୍କନ କରି ସମ୍ପୂର୍ଣ୍ଣ ରିପୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦିଆଯିବ। ପ୍ରାଥମିକ ଭାବେ ବ୍ୟବସ୍ଥା ସନ୍ତୋଷଜନକ ଥିବା କଥା କୁହାଯାଇଛି। ତେବେ ଅନ୍ତିମ ଅନୁମୋଦନ ଓ ପରବର୍ତ୍ତୀ ପ୍ରକ୍ରିୟା ପରେ ନିୟମିତ ବିମାନ ସେବା ଆରମ୍ଭ ନେଇ ନିଷ୍ପତ୍ତି ହେବ। ମାଲକାନଗିରିରୁ ଭୁବନେଶ୍ୱର ଓ ବିଶାଖପଟଣାକୁ ନିୟମିତ ଯାତ୍ରୀବାହୀ ବିମାନ ସେବା ଆରମ୍ଭ ହେଲେ ଜିଲ୍ଲାର ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିପାରେ। ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ବାଣିଜ୍ୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକଙ୍କ ଆଶା। ବିଶେଷ କରି ଜରୁରୀ ଚିକିତ୍ସା, ଛାତ୍ରଛାତ୍ରୀଙ୍କ ଯାତାୟାତ ଏବଂ ବ୍ୟବସାୟିକ ସଂଯୋଗ କ୍ଷେତ୍ରରେ ଏହା ବଡ଼ ସହାୟକ ହୋଇପାରେ।ଦୀର୍ଘ ଦିନ ଧରି ଯେଉଁ ସ୍ୱପ୍ନକୁ ମାଲକାନଗିରିବାସୀ ଅପେକ୍ଷା କରି ରହିଥିଲେ, ଆଜିର ସଫଳ ଟ୍ରାଏଲ୍ ରନ୍ ସେହି ସ୍ୱପ୍ନକୁ ବାସ୍ତବର ଆହୁରି ନିକଟକୁ ନେଇଆସିଛି। ଏବେ ସମସ୍ତଙ୍କ ନଜର ରହିଛି ପରବର୍ତ୍ତୀ ଅନୁମୋଦନ ପ୍ରକ୍ରିୟା ଏବଂ ନିୟମିତ ବିମାନ ସେବା ଆରମ୍ଭ ଉପରେ।

## ବୋରିଗୁମ୍ମାରେ ପୁଣି ମନ୍ଦିରରୁ ଚୋରି

ଜୟପୁର ,୨୩/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳ ରେ ପୁଣି ଆଉ ଏକ ମନ୍ଦିରରୁ ଚୋରି । କାମର ଡଙ୍ଗର ଦେଇ ମନ୍ଦିର ଏବଂ ମନ୍ଦିର ପାଖର ଏକ ଦୋକାନ ର ସନ୍ତୋଷୀ ନଗର ରେ ଦୁର୍ବୃତ୍ତ ମାନେ କଳା କନା ବୁଲେଇ ଛନ୍ତି । ଗତକାଲି ରାତି ମନ୍ଦିର ର ମୁଖ୍ୟ କବାଟ ତାଲା ଭାଙ୍ଗି ମନ୍ଦିର ଭିତରୁ ମାଆଙ୍କ ରୁପାର ବିଭିନ୍ନ ଅଳଙ୍କାର ଚୋରି ହୋଇଛି ।ରୁପା ର ମୁକୁଟ,ରୁପା ରୁପା ଟାୟା, ଏଭଳି ୨କିଲୋ ର ରୁପା ଅଳଙ୍କାର ନେଇଛନ୍ତି ।ମା ଙ୍କ ଦାନ ହୁଣ୍ଡି ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କା ଚୋରି କରିଛନ୍ତି ଚୋର ମାନେ। ମନ୍ଦିର କୁ ଲାଗି ରହିଥିବା ଏକ ଦୋକାନ ରୁ ଏକ ଫ୍ରିଜକୁ ବି ନେଇଯାଇଛନ୍ତି। ବୋରିଗୁମ୍ମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# ମାଛ ଧରିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ମାଲକାନଗିରି ,୨୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତର ଡୁର୍କାଯୋଡ଼ି ଗ୍ରାମରେ ମାଛ ଧରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଡମ୍ବରୁ ଓଡି (୩୫)। ସୂଚନା ଅନୁଯାୟୀ, ଗ୍ରାମବାସୀମାନେ ମିଳିତ ଭାବେ ନଦୀରେ ଏକ ଅସ୍ଥାୟୀ ବନ୍ଧ ନିର୍ମାଣ କରି ମାଛ ଧରୁଥିଲେ। ଏହି ସମୟରେ ଡମ୍ବରୁ ଓଡି ମାଛ ଧରିବା ପାଇଁ ନଦୀକୁ ଯାଉଥିବାବେଳେ ଅସାବଧାନତାବଶତଃ ପାଣିର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜିଲ୍ଲାପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ନାୟକ ଜାଣିବା ପରେ ସେ ମାଥିଲି ଥାନା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କୁ ସୂଚନା ଦେଇଥିଲେ।

# ଝାରସୁଗୁଡା ଜିଲ୍ଲାରେ ମୋଟ ୨୨୦.୮ ମି.ମି. ବର୍ଷା: ଅଧିକାଂଶ ବ୍ଲକରେ ମଧ୍ୟମରୁ ପ୍ରବଳ ବର୍ଷା

ଝାରସୁଗୁଡ଼ା, ୨୨ ଜୁଲାଇ (ହି.ସ.): ଝାରସୁଗୁଡ଼ା ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ବ୍ଲକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିବା ବେଳେ ଜିଲ୍ଲାର ହାରାହାରି ବର୍ଷା ପରିମାଣ ୪୪.୧୬ ମିଲିମିଟର ରେକର୍ଡ ହୋଇଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ମୋଟ ୨୨୦.୮ ମିଲିମିଟର ବର୍ଷା ହୋଇଛି। ବ୍ଲକଭିତ୍ତିକ ବର୍ଷା ପରିମାଣ ମଧ୍ୟରେ ଲଇକେରାରେ ସର୍ବାଧିକ ୫୮.୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ କିର୍ମିରାରେ ୫୭.୦ ମିଲିମିଟର ବର୍ଷା ହୋଇଛି। ସେହିପରି ଝାରସୁଗୁଡ଼ା ବ୍ଲକରେ ୩୪.୦ ମିଲିମିଟର, କୋଲାବିରାରେ ୩୩.୬ ମିଲିମିଟର ଏବଂ ଲଖନପୁରରେ ୩୮.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

32001/584/2627

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUBARNAREKHA IRRIGATION DIVISION NO-I,JHARPOKHARIA
At/PO:-Sankucha, Via:- KM Kata, Dist:-Mayurbhanj
Government of Odisha "e" PROCUREMENT NOTICE
Bid Identification No. 01/ 2026-27 of SE-SI Division No-I, Jharpokharia
Mail Id. sidivision1@gmail.com

| | | |
|---|---|---|
| 1 | Name of Work | Road Work |
| 2 | Total No of Projects | 1 No |
| 2 | Estimated Cost | Rs.17.55 Lakh |
| 3 | EMD | Details can be seen in the DTCN of bid documents of the respected works |
| 4 | Period of Completion | Details can be seen in the DTCN of bid documents of the respected works |
| 5 | Class of Contractor | "C" Class and "D" Class |
| 6 | Date & Time of availability of bid document in the portal | 28.07.26 at 10.00 AM |
| 7 | Last date/time for receipt of bid in the portal | 09.08.2026 up to 5.00 PM. |
| 8 | Date of opening of bid | 10.08.2026 at 11.00 A.M. |
| 9 | Name & Address of the O.I. T | Superintending Engineer, Subarnarekha Irrigation Division No-I, Jharpokharia |

Further details can be seen from the e-Procurement Portal "https://tendersodisha.gov.in".

Superintending Engineer
Subarnarekha Irrigation Division No-1
Jharpokharia

OIPR: 32001/32085/1/26-27/0001

# ପାଠ୍ୟପୁସ୍ତକରେ ତ୍ରୁଟି ଘଟଣା: ଛାତ୍ରଛାତ୍ରୀଙ୍କୁ ଦିଆଯାଇନି ସଂଶୋଧିତ ପୃଷ୍ଠା

ଜୟପୁର,୨୩/୦୭ (ନି.ପ୍ର): ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣା ପରେ କୋରାପୁଟ ଜିଲାରେ ବର୍ତ୍ତମାନ ସୁଦ୍ଧା କୌଣସି ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯାଇ ନାହିଁ । ଫଳରେ ଛାତ୍ର ଛାତ୍ରୀ ଅବିଭାବକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସରକାର ଯାହା କହୁଛନ୍ତି ତାହା ମଧ କାର୍ଯ୍ୟକାରି କରୁ ନାହାଁନ୍ତି । ଫଳରେ ଅବିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ହେଲେ ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ ସରକାରିଙ୍କ ଚିନ୍ତା ନାହିଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ତଦନ୍ତ କମିଟି ରିପୋର୍ଟ ଦେଇଥିଲେ । ଏହାକୁ ଆଧାର କରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏସ୍ସିଇଆରଟି କୁ କ୍ରାଇମ୍ବ୍ରାଞ୍ଚରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଲେ । ହେଲେ ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ କାହାର ଚିନ୍ତା ନାହିଁ । ଏହି ବାଦ ବିବାଦକୁ ପ୍ରାୟ ଏକ ମାସ ହୋଇଗଲାଣି । ହେଲେ ଏଯାବତ ଶିକ୍ଷକଙ୍କ ପାଖେ ସଂଶୋଧିତ ପୁସ୍ତିକା ପହଞ୍ଚିଲା ନାହିଁ । ପିଲାମାନେ ସେହି ତ୍ରୁଟିପୂର୍ଣ୍ଣ ବହିରେ ପାଠପଢୁଛନ୍ତି । କେବେ ପିଲାଙ୍କ ପାଖେ ସଂଶୋଧିତ ବହି ପହଞ୍ଚିବ ତାହା କେହି ଜାଣି ନାହାନ୍ତି କି କାହାରି ପାଖେ ଉତ୍ତର ମଧ ନାହିଁ । ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ତଦନ୍ତ କମିଟି କରି ୭ଦିନରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ତଦନ୍ତ କମିଟିର ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀ ୪ଜଣଙ୍କୁ ନିଲମ୍ବିତ କରିବା ସହ ୬ଜଣ ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ । ଏଥିସହ କମିଟିର ୧୪ ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏଥିରେ ଥିଲା ୭ ଦିନ ମଧ୍ୟରେ ମୁଖ୍ୟ ତ୍ରୁଟି ସଂଶୋଧିତ ପୁସ୍ତିକା ପ୍ରକାଶ କରାଯିବ । ଛାତ୍ରଛାତ୍ରୀଙ୍କୁ ସଂଶୋଧିତ୍ ସିଟ୍ ପ୍ରଦାନ କରାଯିବ । ଏକ ସାର୍ବଜନୀନ ତ୍ରୁଟି ସଂଶୋଧନ ପୋର୍ଟାଲ ଖୋଲାଯିବ । ପାଠ୍ୟପୁସ୍ତକରେ ଥିବା ଭୁଲ୍ ଥିବା ପୃଷ୍ଠାକୁ ବଦଳାଇ ସେଠାରେ ନୂଆ ପୃଷ୍ଠା ପ୍ରିଣ୍ଟିଂ କରି ଯୋଗାଇ ଦିଆଯିବ । ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯିବ । ସଂଶୋଧିତ ପିଡିଏଫ୍କୁ ଅଫିସିଆଲ୍ ଶିକ୍ଷଣ ସଂସ୍କରଣ ଭାବେ ଘୋଷଣା କରାଯିବ । ଶିକ୍ଷକଙ୍କ ପାଇଁ ତୁରନ୍ତ ସଂଶୋଧନ ସଂପର୍କିତ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହାପରେ ଜୁଲାଇ ୧ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଣା ମଧ୍ୟମକୁ ନୂତନ ପାଠ୍ୟପୁସ୍ତକ ଯୋଗାଇ ଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରାଯାଇ ପାଠପଢ଼ା ଚାଲୁ ରହିବ ବୋଲି ସୂଚନା ଦିଆଯାଇଛିଥିଲା । ସରକାର ଯଥା ଶୀଘ୍ର ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି । ଖୁବ୍ ଶୀଘ୍ର ସଂଶୋଧିତ ବହି ବିଭାଗ ଏବଂ ଓସେପାର ୱେବ୍ସାଇଟ୍ରେ ଅପଲୋଡ୍ ହେବ । ଏହାକୁ ଶିକ୍ଷାବିତ୍ ଏବଂ ଜନସାଧାରଣଙ୍କ ମତାମତ ପାଇଁ ଆହ୍ୱାନ କରାଯିବ । ସମସ୍ତଙ୍କ ମତାମତକୁ ବିଚାର କରି ସଂଶୋଧିତ ବହି ପ୍ରସ୍ତୁତ କରାଯିବ । ଠିକ୍ ଏହାର ପରଦିନ ବିଭାଗ ପକ୍ଷରୁ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସ୍ସିଇଆରଟି ଏବଂ ଓସେପା ୱେବ୍ସାଇଟ୍ରେ ଦିଆଗଲା । ଏହି ପୁସ୍ତକ ଗୁଡ଼ିକ ସଂପର୍କରେ ଜନସାଧାରଣ ଓ ଶିକ୍ଷାବିତ୍ଙ୍କ ମତାମତ ପାଇଁ ଆହ୍ୱାନ କରାଗଲା । ଏନେଇ ବିଭାଗ ପକ୍ଷରୁ ମଧ ସୂଚନା ଦିଆଗଲା । ଏସ୍ସିଇଆରଟି ୱେବ୍ସାଇଟ୍ରେ 'ମହାନ୍ ବିପ୍ଳବୀ ମାଧୋ ସିଂହ' ସଂଶୋଧିତ ପ୍ରସଙ୍ଗକୁ ଅପଲୋଡ୍ କରାଯାଇଛି । ସେହିପରି ସପ୍ତମଶ୍ରେଣୀର ସାହିତ୍ୟ ସୁମନ ପାଠ୍ୟପୁସ୍ତକର ସଂଶୋଧିତ ପୁସ୍ତିକା ଅପଲୋଡ୍ କରାଯାଇଛି । ଓସେପା ୱେବ୍ସାଇଟ୍ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସଂଶୋଧିତ ପାଠ୍ୟପୁସ୍ତକକୁ ମଧ ଅପଲୋଡ୍ କରାଯାଇଛି । ହେଲେ କୁହାଯାଇଥିବା ସଂଶୋଧିତ ପୁସ୍ତିକା ଏଯାବତ ସ୍କୁଲରେ ପହଞ୍ଚିନି । ଯାହାକୁ ନେଇ ଏବେ ଚିନ୍ତାରେ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ । ୭ ଦିନ ଯାଇ ମାସେ ପାଖାପାଖି ହେଲାଣି କୌଣସି ସଂଶୋଧିତ ପୁସ୍ତିକା ପହଞ୍ଚିନି । ଶିକ୍ଷକମାନେ ଯେତିକି ପାରୁଛନ୍ତି ସେତିକି ସଂଶୋଧନ କରି ପଢ଼ାଉଛନ୍ତି । ଏପରିକି ସଂଶୋଧିତ ବହି ଏହି ଶିକ୍ଷାବର୍ଷ ଦିଆଯିବ କହିଲେ, ହେଲେ ଏଯାବତ ଛପା ଯାଇଥିବା ପୂର୍ବ ବହି ମଧ ପିଲାଙ୍କ ପାଖେ ପହଞ୍ଚିନି । ତେଣୁ ସରକାର ଙ୍କ ଛାତ୍ର ଛାତ୍ରୀ ଙ୍କ ନିକଟରେ ସଂଶୋଧିତ ପୃଷ୍ଠା ଯୋଗାଇ ଦେବାକୁ ଦାବୀ ହୋଇଛି । ସଂଶୋଧିତ ପୃଷ୍ଠା ଯୋଗା ଦେଲେ ଛାତ୍ରଛାତ୍ରୀ ଅବିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ ଉପ କୃତ ହୋଇ ପାରିବେ ବୋଲି ମତ ପ୍ରକାଶ ପାଇଛି ।

## ଶରୀର ପାଇଁ ରାମବାଣ କୁନ୍ଦୁରି : ୫ ରୋଗକୁ ସମୂଳେ ନାଶ କରିବାର ରଖେ ଶକ୍ତି



ଖାଦ୍ୟରେ ତଟକା ସବୁଜ ପନିପରିବା ସାମିଲ କରିବା ଦେହ ପାଇଁ ବହୁତ ଭଲ । ଡାକ୍ତର ମଧ ଆମିଷ ଖାଇବାକୁ ମନା କରି ଅଧିକରୁ ଅଧିକ ସବୁଜ ପରିବା ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି । ତେବେ ସବୁ ଋତୁରେ ଭିନ୍ନ ଭିନ୍ନ ପରିବା ବଜାରକୁ ଆସିଥାଏ । ଯାହା ପୋଷକ ତତ୍ତ୍ୱରେ ଭରପୂର ରହିବା ସହ ଦେହ ପାଇଁ ମଧ ଭଲ ହୋଇଥାଏ । କିନ୍ତୁ ଆଜିକାଲିର ଫାଷ୍ଟଫୁଡ୍ ଜୀବନଶୈଳୀ ଭିତରେ ଆମେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ଶିକାର ହୋଇଥାଉ । କମ୍ ବୟସରୁ ହିଁ ଡାଏବେଟିସ୍ ,କିଡନି ସମ୍ବନ୍ଧୀୟ ରୋଗ ଏବଂ ଫୁସଫୁସ୍ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ପ୍ରତିଘରେ ବଢ଼ି ବଢ଼ି ଚାଲିଛି । ତେବେ ଏମ୍ସର ପୂର୍ବ କଲସଲଟାଣ୍ଟ୍ ତଥା ସାଓଲ ହାର୍ଟ ସେଣ୍ଟରର ଫାଉଣ୍ଡର ଡକ୍ଟର ବିମଳ ଝାଞ୍ଜର ଏହି ସବୁ ରୋଗ ସହ ମୁକାବିଲା କରିବା ପାଇଁ ଏମିତି ଏକ ପରିବା ବିଷୟରେ କହିଛନ୍ତି ଯାହା ସମସ୍ତଙ୍କୁ ପ୍ରାୟତଃ ଭଲ ଲାଗେ ।

ସାଧାରଣ ଲାଗୁଥିବା ପରିବାଟି ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ କିନ୍ତୁ ଏହାର ଉପକାରିତା ବିଷୟରେ ପ୍ରାୟତଃ ଲୋକ ଜାଣିନଥିବେ । ଏହି ପରିବାଟି ହେଉଛି କୁନ୍ଦୁରି । କେବଳ ଖାଇବାକୁ ସୁଆଦିଆ ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ମଧ ମହୌଷଧିର କାମ କରେ । ଓଜନ କମାଇବାଠାରୁ ଆରମ୍ଭ କରି ସୁଗାର୍ କଣ୍ଟ୍ରୋଲ୍ କରିବା,ଖାଦ୍ୟ ହଜମ କରିବା,ହାଡ଼କୁ ମଜଭୁତ କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ମଧ ବାହାର କରିବାରେ ସାହାଯ୍ୟ କରେ କୁନ୍ଦୁରି । ଏହି ପରିବାରେ ଡାଇଟରି ଫାଇବର୍ ଭରପୁର ପରିମାଣରେ ରହିଥାଏ ଯେଉଁଥିରେ ବ୍ଲଡ୍ ସୁଗାର ଲେବଲ୍ କମ୍ ହୋଇଥାଏ । ଡାଏବେଟିସ୍ ରୋଗୀଙ୍କ ପାଇଁ ଏହି ପରିବାଟି ଖୁବ୍ ଲାଭଦାୟକ । ଗ୍ଲାଇସେମିକ ଇଣ୍ଡେକ୍ସ କାରଣରୁ ଏହା ସୁଗାରର ଲେବଲକୁ ଅବଶୋଷଣ କରି ଧିରେ ଧିରେ ଶରୀରରେ ଏନର୍ଜି ସୃଷ୍ଟି କରେ ।

ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ କାରଣରୁ ପେଟ ଫୁଲିବା , ଏସିଡିଟି ଭଳି ସମସ୍ୟା ପ୍ରତିଦିନ ଦେଖାଯାଏ । କୁନ୍ଦୁରିରେ ଥିବା ତତ୍ତ୍ୱ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଏସିଡିଟିକୁ କମାଇବାରେ ସହାୟକ ହୁଏ । ଏହି ପରିବା ଓଜନ ବଢ଼ାଇବା ସମସ୍ୟାକୁ ମଧ କମାଇଥାଏ । କମ୍ କ୍ୟାଲୋରିର ଏହି ପରିବା ପେଟ ଭର୍ତ୍ତି କରିବାରେ ସାହାଯ୍ୟ କରେ ତେଣୁ ଓଜନ କମାଇବାରେ ସହାୟକ ହୁଏ । ଓଜନ କମାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଖାଦ୍ୟରେ କୁନ୍ଦୁରି ସାମିଲ କରନ୍ତୁ । ଏହା ଶରୀରକୁ ଭାରି କରିବା ବଦଳରେ ପୋଷକ ତତ୍ତ୍ୱ ପହଞ୍ଚାଇବ । କୁନ୍ଦୁରିରେ କ୍ୟାଲସିୟମ , ଆଇରନ୍ , ଭିଟାମିନ୍-ସିର ମାତ୍ରା ଅଧିକ ଥିବାରୁ ଏହା ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ । ବୟସ୍କ ବ୍ୟକ୍ତିବିଶେଷଙ୍କୁ ଖାଦ୍ୟରେ କୁନ୍ଦୁରି ସାମିଲ କରିବା ଆବଶ୍ୟକ । ଏହାଛଡ଼ା ଆମେ ପ୍ରତିଦିନ ଖାଉଥିବା ତେଲ , ମସଲା ଭଳି ଟକ୍ସିନ ପଦାର୍ଥ ଶରୀରକୁ ଏକପ୍ରକାର ଅଳିଆଗଦା କରିଦେଇଥା'ନ୍ତି । ଏହି ଟକ୍ସିନ ପଦାର୍ଥକୁ କୁନ୍ଦୁରି ଶରୀରରୁ ବାହାର କରିବାରେ ସାହାଯ୍ୟ କରେ ।

## ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଳାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ନିଦ୍ରା ଅଭାବ ହେତୁ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ବ୍ୟକ୍ତି ଦିନସାରା କ୍ଳାନ୍ତ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ ଭାବରେ ଆପଣ ଦୁର୍ବଳ ଏବଂ କ୍ଳାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଯେ ଶରୀର ଓଜନିଆ ଲାଗେ, ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ ବଢାଇଥାଏ। ଆଭ୍ୟନ୍ତରୀଣ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ ଏମିତି ସମସ୍ୟାର ସମ୍ମୁଖିନ ହେଉଛନ୍ତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।

*ବାଳାସନ:* ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:* ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:* ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।



**ଜଲଦି ଛାଡ଼ନ୍ତୁ ଏ ଅଭ୍ୟାସ**

## ଡେରି ରାତିରେ ଖାଉଥିଲେ ସାବଧାନ୍ !

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

## ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ : ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି



## କ୍ୟାନ୍‌ସର ଉପରେ ପ୍ରଭାବୀ ଫ୍ଲାସ ରେଡିଓ ଥେରାପି : ନିମିଷକେ କ୍ୟାନ୍‌ସର କୋଷିକାକୁ କରୁଛି ନଷ୍ଟ

ଆଜିର ଦିନରେ ସାରା ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପ୍ରତିବର୍ଷ ପ୍ରାୟ ୬କୋଟିରୁ ଅଧିକ ଲୋକ ଏହି ରୋଗରେ ପ୍ରାଣ ହରାଉଛନ୍ତି । ଭାରତ ସମେତ ଅନେକ ଦେଶରେ କର୍କଟ ସ୍ଥିତି ଉତ୍କଟ ରହିଛି । ଏହା ସବୁଠାରୁ ବିପଦପୂର୍ଣ୍ଣ ରୋଗ ମଧ୍ୟରୁ ଗୋଟିଏ । କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବହୁତ କମ୍ ଲୋକ ସୁସ୍ଥ ହୋଇପାରନ୍ତି । ବ୍ୟୟବହୁଳ ସହ ଏହାର ଚିକିତ୍ସା ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ । ଏସବୁ ଭିତରେ କ୍ୟାନ୍ସର ରୋଗୀଙ୍କ ପାଇଁ ଆଶୀର୍ବାଦ ପାଲିଟିଛି ଫ୍ଲାସ ରେଡିଓ ଥେରାପି । ଜାଣନ୍ତୁ ଏହା କଣ ?

କ୍ୟାନ୍‌ସର ପାଇଁ ରାମବାଣ ଫ୍ଲାସ ରେଡିଓ ଥେରାପି !

-ଫ୍ଲାସ ରେଡିଓ ଥେରାପି କ୍ୟାନ୍ସର ଚିକିତ୍ସାର ଅଭିନବ କୌଶଳ
-ଏଥିରେ ବିକିରଣର ସମ୍ପୂର୍ଣ୍ଣ ଡୋଜ୍ ବହୁତ କମ୍ ସମୟରେ ପ୍ରଦାନ କରାଯାଏ
-କ୍ୟାନ୍ସର କୋଷିକାକୁ ଛାଡ଼ିଦେଲେ ସୁସ୍ଥ ଟିସୁ ଉପରେ ବିକିରଣର ପ୍ରଭାବ ହ୍ରାସ ପାଏ
-ବିକିରଣ-ପ୍ରେରିତ ବିଷାକ୍ତତାକୁ ହ୍ରାସ କରିବାରେ ସାହାଯ୍ୟ କରେ

ଏହି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ କିଛି ମିନିଟ୍ ମଧ୍ୟରେ ରୋଗ ଚିହ୍ନଟ ହେବା ସହ ଏହାକୁ ଭଲ କରାଯାଇପାରିବ ରୋଗୀଙ୍କୁ ଅଧିକ ସମୟ ପାଇଁ ହସ୍ପିଟାଲରେ ରହିବାକୁ ପଡ଼ିବ ନାହିଁ । ଏପରି ପରିସ୍ଥିତିରେ ରୋଗୀଙ୍କ ଜୀବନକାଳ ବୃଦ୍ଧି ପାଇବ । କର୍କଟ ରୋଗ ଚିକିତ୍ସାରେ ବ୍ୟବହାର କରାଯାଉଥିବା ପାରମ୍ପରିକ ରେଡିଓ ଥେରାପିର ରେଡିଏସନ୍ ପାଇଁ ଏକାଧିକ ସେସନ୍ସ କରାଯାଇଥାଏ । ଯାହାଦ୍ୱାରା ଶରୀରର ସୁସ୍ଥ କୋଷିକା ନଷ୍ଟ ହେବା ସହ ବ୍ରେନ୍ କ୍ୟାନ୍‌ସର ହେବାର ଆଶଙ୍କା ସୃଷ୍ଟି ହୁଏ । କିନ୍ତୁ ଫ୍ଲାସ୍ ରେଡିଓଥେରାପି ମାତ୍ର ଗୋଟିଏ ସେସନରେ ରୋଗୀକୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ କରିଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ।

## ଚିନିର ପରିମାଣ ହ୍ରାସ : ଶରୀରକୁ ଦିଏ ଅନେକ ଲାଭ ...

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ , କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ । ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ । ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ । ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ। କମ୍ ଚିନି ସେବନ ମଧ ବ୍ରଣ ଓ ଚର୍ମ ପ୍ରଦାହରେ ଉନ୍ନତି ସହ ଜଡ଼ିତ । ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ସ୍ତରରେ ହୃତ୍‌ପିଣ୍ଡ ଓ ଯକୃତ ମଧ ଲାଭବାନ ହେବେ। ଚିନି କମ୍ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ହେବା ସହ ଫ୍ୟାଟି ଲିଭର୍ ଆଶଙ୍କା ମଧ କମିଥାଏ। ସର୍ବୋପରି ଥରେ ବିନା ଚିନିରେ ଚା' ପିଇବାରେ ଅଭ୍ୟସ୍ତ ହୋଇଗଲେ, ଆଉ ପଛକୁ ଫେରିବା ଦରକାର ପଡ଼େନି।



# ତୈଳ ସଙ୍କଟର ନୂଆ ଅଧ୍ୟାୟ

ସାମ୍ପ୍ରତିକ ସମୟରେ ମଧ୍ୟପ୍ରାଚ୍ୟ ଏକ ଭୟଙ୍କର ଯୁଦ୍ଧ ଏବଂ ରାଜନୈତିକ ଅସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିଛି, ଯାହା ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ବଡ ସଙ୍କଟ ସୃଷ୍ଟି କରିଛି । ଏକ ପଟେ ଇରାନ ସମର୍ଥିତ ହୁଥି ବିଦ୍ରୋହୀମାନେ ଲୋହିତ ସାଗରରେ ସାଉଦି ଆରବର ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଥିବା ଦାବି କରିଛନ୍ତି ଏବଂ ଅନ୍ୟ ପଟେ ଆମେରିକା ଇରାନ ଉପରେ ଲଗାତାର ଦ୍ୱାଦଶ ରାତି ପାଇଁ ସାମରିକ ଆକ୍ରମଣ ଜାରି ରଖିଛି । ଏହି ଦୁଇଟି ସମାନ୍ତରାଳ ଘଟଣା କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ବିଶ୍ୱ ବାଣିଜ୍ୟ, ତୈଳ ବଜାର ଏବଂ ଆନ୍ତର୍ଜାତିକ ଯୋଗାଣ ଶୃଙ୍ଖଳା ଉପରେ ଏକ ବ୍ୟାପକ ତଥା ଦୀର୍ଘସ୍ଥାୟୀ ନକାରାତ୍ମକ ପ୍ରଭାବ ପକାଇବାକୁ ଯାଉଛି । ଆଧୁନିକ ବିଶ୍ୱ ବ୍ୟବସ୍ଥାରେ କୌଣସି ବି ଆଞ୍ଚଳିକ ସଂଘର୍ଷ କେବଳ ସେହି ଅଞ୍ଚଳରେ ସୀମିତ ରହେ ନାହିଁ, ବରଂ ଏହାର ତରଙ୍ଗ ସମଗ୍ର ପୃଥିବୀର ଅର୍ଥନୈତିକ ସ୍ଥିରତାକୁ ଦୋହଲାଇ ଦେଇଥାଏ ।

ତଥ୍ୟ ଅନୁଯାୟୀ ୟେମେନର ହୁଥି ବିଦ୍ରୋହୀମାନେ ସାଉଦି ଆରବ ବିରୋଧରେ ଏକ ନୌ-ଅବରୋଧ ଘୋଷଣା କରିବା ସହ ଲୋହିତ ସାଗରରେ ଦୁଇଟି ସାଉଦି ତୈଳ ଟ୍ୟାଙ୍କର 'ଏନସେଲିଆ' ଏବଂ 'ଲୈଲା' ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରିଛନ୍ତି । ସାଉଦି ଆରବର ସରକାରୀ ଗଣମାଧ୍ୟମ ଏବଂ ସାମୁଦ୍ରିକ ସୁରକ୍ଷା ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁଯାୟୀ, ସାଉଦି ଆରବର ଜିଜାନ୍ ବନ୍ଦର ଏବଂ ଅଲ୍ ଶୁକାଇକ୍ ଠାରୁ ପ୍ରାୟ ୭୦ ନଟିକାଲ୍ ମାଇଲ୍ ଦୂରରେ ଏନସେଲିଆ ଜାହାଜ ଉପରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା, ଯାହା ଫଳରେ ଜାହାଜଟିରେ ନିଆଁ ଲାଗିଯାଇଥିଲା । ବ୍ରିଟିଶ ସାମୁଦ୍ରିକ ସୁରକ୍ଷା ସଂସ୍ଥା ୟୁକେଏମଟିଓ ଏବଂ ଭାନ୍‌ଗାର୍ଡର ରିପୋର୍ଟ ମଧ୍ୟ ଏହି ଘଟଣାକୁ ନିଶ୍ଚିତ କରିଛନ୍ତି । ଯଦିଓ ଏହି ଆକ୍ରମଣରେ କୌଣସି ପ୍ରାଣହାନି ଘଟିନାହିଁ ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି, ତଥାପି ଏହା ସାମୁଦ୍ରିକ ପରିବହନ ପାଇଁ ଏକ ଭୟଙ୍କର ବାର୍ତ୍ତା ଦେଇଛି । ହୁଥିମାନେ ଦାବି କରିଛନ୍ତି ଯେ ୟେମେନ ଉପରେ ସାଉଦି ଆରବର କଟକଣା ଏବଂ ଅବରୋଧର ପ୍ରତିଶୋଧ ସ୍ୱରୂପ ସେମାନେ ଏହି ସାମରିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଘଟଣା ପ୍ରମାଣିତ କରୁଛି ଯେ ହୁଥିମାନଙ୍କର ସାମରିକ କ୍ଷମତା କେବଳ ୟେମେନ ମଧ୍ୟରେ ସୀମିତ ନାହିଁ, ବରଂ ସେମାନେ ଆନ୍ତର୍ଜାତିକ ଜଳପଥରେ ମଧ୍ୟ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ଅଟନ୍ତି ।

ଏହି ସଙ୍କଟର ମୂଳ କାରଣ କେବଳ ହୁଥି ଏବଂ ସାଉଦି ଆରବ ମଧ୍ୟରେ ଥିବା ଶତ୍ରୁତା ନୁହେଁ, ବରଂ ଏହା ପଛରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଯୁଦ୍ଧର ଏକ ବଡ଼ ଭୂମିକା ରହିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକୀୟ ସେନା ଇରାନର ବିଭିନ୍ନ ସାମରିକ ଘାଟି ଉପରେ ଲଗାତାର ଦ୍ୱାଦଶ ରାତି ଧରି ବ୍ୟାପକ ଆକ୍ରମଣ କରିଛି । ରାଷ୍ଟ୍ରପତି ଟ୍ରମ୍ପ ଏକ କଠୋର ଚେତାବନୀ ଦେଇ ସ୍ପଷ୍ଟ କରିଛନ୍ତି ଯେ ଯଦି ଇରାନ ହର୍ମୁଜ୍ ପ୍ରଣାଳୀରେ କୌଣସି ବାଣିଜ୍ୟିକ କିମ୍ବା ସାମରିକ ଜାହାଜ ଉପରେ ଆକ୍ରମଣ କରେ, ତେବେ ଆମେରିକା ପ୍ରତିବଦଳରେ ଇରାନର ଗୋଟିଏ ବ୍ରିଜ୍ କିମ୍ବା ପାୱାର ପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିଦେବ । ଏହାର ପ୍ରତିକ୍ରିୟାରେ ଇରାନ ମଧ୍ୟ ନିରବ ରହିନାହିଁ । ଇରାନ ଦାବି କରିଛି ଯେ ସେ ଜୋର୍ଡାନରେ ଥିବା ଆମେରିକାର କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଇନ୍ଧନ ଭଣ୍ଡାର ଉପରେ ଆକ୍ରମଣ କରିବା ସହିତ କୁଏତରେ ଥିବା ଆମେରିକୀୟ ସାମରିକ ଘାଟି ଯଥା ଅଲ୍-ଆଦିରି କ୍ୟାମ୍ପ, ଅଲି ଅଲ୍ ସାଲେମ ଏୟାର ବେସ୍, ଦୋହା କ୍ୟାମ୍ପ ଏବଂ ଆରିଫଜାନ୍ କ୍ୟାମ୍ପ ଉପରେ ମଧ୍ୟ ପ୍ରତିଶୋଧମୂଳକ ଆକ୍ରମଣ କରିଛି । ଏହି କ୍ରମାଗତ ଆକ୍ରମଣ ଏବଂ ପ୍ରତିଆକ୍ରମଣ ସମଗ୍ର ମଧ୍ୟପ୍ରାଚ୍ୟକୁ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆଡକୁ ଠେଲି ଦେଉଛି ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଲୋହିତ ସାଗର ଏବଂ ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱ ବାଣିଜ୍ୟର ଜୀବନରେଖା । ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ଏକ ବିପୁଳ ଅଂଶ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପରିବହନ ହୋଇଥାଏ । ବର୍ତ୍ତମାନର ପରିସ୍ଥିତିରେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ପ୍ରାୟତଃ ବନ୍ଦ କରିଦେବା ସ୍ଥିତିକୁ ଆଣିଥିବା ବେଳେ ହୁଥିମାନେ ଲୋହିତ ସାଗରରେ ନୌ-ଅବରୋଧ ସୃଷ୍ଟି କରିଛନ୍ତି । ଏହା ଫଳରେ ବିଶ୍ୱ ତୈଳ ଯୋଗାଣ ପାଇଁ ଏକାସାଙ୍ଗରେ ଦୁଇଟି ମୁଖ୍ୟ ପ୍ରଣାଳୀ ବାଧାପ୍ରାପ୍ତ ହୋଇଛି, ଯାହାକୁ ବିଶେଷଜ୍ଞମାନେ ଏକ ଡବଲ୍ ଚୋକ୍ ପଏଣ୍ଟ ସଙ୍କଟ ବୋଲି ଅଭିହିତ କରୁଛନ୍ତି । ତଥ୍ୟ ଅନୁଯାୟୀ, ଏହି ଆକ୍ରମଣ ପରେ ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜ ସଂଖ୍ୟା ଗୋଟିଏ ଦିନରେ ୬୪ ରୁ ହ୍ରାସ ପାଇ ୩୦ ରେ ପହଞ୍ଚିଛି ଏବଂ ଅନେକ ଜାହାଜ ନିଜର ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ବଡ଼ ବଡ଼ ଜାହାଜ କମ୍ପାନୀଗୁଡ଼ିକ ବର୍ତ୍ତମାନ ସୁଏଜ୍ କେନାଲ୍ ପରିବର୍ତ୍ତେ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଦୀର୍ଘ ପଥ ଅତିକ୍ରମ କରିବାକୁ ବାଧ୍ୟ ହେଉଛନ୍ତି । ଏହା ଦ୍ୱାରା ଯାତ୍ରା ସମୟ ଦୁଇରୁ ତିନି ସପ୍ତାହ ବଢ଼ିଯାଉଛି ଏବଂ ପରିବହନ ଖର୍ଚ୍ଚ ବହୁଗୁଣିତ ହୋଇଯାଉଛି। ହୁଥି ଆକ୍ରମଣ ଏବଂ ଆମେରିକା-ଇରାନ ସଂଘର୍ଷର ଖବର ପ୍ରକାଶ ପାଇବା ମାତ୍ରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ଦ୍ରୁତ ଗତିରେ ବୃଦ୍ଧି ପାଇଛି । ତୈଳ ଦର ବୃଦ୍ଧି ହେବା ଦ୍ୱାରା ପରିବହନ ଏବଂ ଉତ୍ପାଦନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ଖାଦ୍ୟପେୟ, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ମଧ୍ୟ ଆକାଶଛୁଆଁ ହେବ । ବିଶ୍ୱର ଅନେକ ଦେଶ, ବିଶେଷକରି ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ, ଏବେ ବି ମୁଦ୍ରାସ୍ଫୀତି ସହ ଲଢେଇ କରୁଥିବା ବେଳେ ଏହି ନୂତନ ତୈଳ ସଙ୍କଟ ସେମାନଙ୍କ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ କରିବ । ଆମେରିକାରେ ନଭେମ୍ବର ମାସରେ ହେବାକୁ ଥିବା କଂଗ୍ରେସ ନିର୍ବାଚନ ପୂର୍ବରୁ ପେଟ୍ରୋଲ ଦର ବୃଦ୍ଧି ଶାସକ ଦଳ ପାଇଁ ଏକ ବଡ଼ ରାଜନୈତିକ ଆହ୍ୱାନ ସୃଷ୍ଟି କରିଛି । ଏହା ସହିତ ଏସିଆ ଏବଂ ୟୁରୋପ ମଧ୍ୟରେ ହେଉଥିବା କଣ୍ଟେନର ବାଣିଜ୍ୟ ମଧ୍ୟ ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି, ଯାହା କୋଭିଡ୍ ମହାମାରୀ ସମୟର ଯୋଗାଣ ଶୃଙ୍ଖଳା ସଙ୍କଟର ସ୍ମୃତିକୁ ଉଜ୍ଜୀବିତ କରୁଛି । ଯଦି ଏହି ସ୍ଥିତି ଲାଗିରହେ, ତେବେ ବିଶ୍ୱ ଅର୍ଥନୀତି ଏକ ଭୟଙ୍କର ମାନ୍ଦାବସ୍ଥାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ।

ଭାରତ ଭଳି ବିକାଶଶୀଳ ତଥା ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଅଟେ । ଭାରତ ନିଜର ମୋଟ ତୈଳ ଆବଶ୍ୟକତାର ପ୍ରାୟ ୮୦ ରୁ ୮୫ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରିଥାଏ, ଯେଉଁଥିରୁ ଏକ ବଡ଼ ଅଂଶ ମଧ୍ୟପ୍ରାଚ୍ୟରୁ ଆସିଥାଏ । ଲୋହିତ ସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ଅସ୍ଥିରତା କାରଣରୁ ଯଦି ତୈଳ ଦର କ୍ରମାଗତ ଭାବେ ଉଚ୍ଚ ସ୍ତରରେ ରହେ, ତେବେ ଭାରତର ଆମଦାନୀ ଖର୍ଚ୍ଚ ଅତ୍ୟଧିକ ବୃଦ୍ଧି ପାଇବ । ଏହା ଦ୍ୱାରା ଦେଶର ବାଣିଜ୍ୟ ନିଅଣ୍ଟ ବଢ଼ିବା ସହ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପଡିବ ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବ । ଏହାବ୍ୟତୀତ, ସାମୁଦ୍ରିକ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ ଭାରତରୁ ୟୁରୋପ ଏବଂ ଆମେରିକାକୁ ହେଉଥିବା ରପ୍ତାନି ମଧ୍ୟ ମହଙ୍ଗା ହୋଇଯିବ, ଯାହା ଆନ୍ତର୍ଜାତିକ ବଜାରରେ ଭାରତୀୟ ସାମଗ୍ରୀର ପ୍ରତିଯୋଗିତାମୂଳକ କ୍ଷମତାକୁ କ୍ଷୁର୍ଣ୍ଣ କରିବ । ଭାରତ ସରକାର ଏବଂ ରିଜର୍ଭ ବ୍ୟାଙ୍କ ପାଇଁ ଏହି ବାହ୍ୟ ସଙ୍କଟ ସମୟରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ବଜାୟ ରଖିବା ଏକ କଠିନ ପରୀକ୍ଷା ହେବ । ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ଉପରେ ସିଧାସଳଖ ବୋଝ ପକାଇବ।

ଏହି ସମଗ୍ର ଘଟଣାବଳୀ ଆନ୍ତର୍ଜାତିକ କୂଟନୀତିର ଏକ ଚରମ ବିଫଳତାକୁ ଦର୍ଶାଉଛି। ବର୍ତ୍ତମାନ ସୁଦ୍ଧା ଏହି ସଙ୍କଟର ସମାଧାନ ପାଇଁ କୌଣସି ଆଖିଦୃଶିଆ କୂଟନୈତିକ ପ୍ରୟାସ ସଫଳ ହୋଇପାରି ନାହିଁ । ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂଗଠନଗୁଡ଼ିକ ଏହି ପ୍ରସଙ୍ଗରେ କେବଳ ନିନ୍ଦା ପ୍ରସ୍ତାବ ଆଗତ କରିବା ବ୍ୟତୀତ କୌଣସି ଠୋସ୍ ପଦକ୍ଷେପ ନେବାରେ ଅସମର୍ଥ ହୋଇଛନ୍ତି । ଆମେରିକା ନିଜର ସାମରିକ ଶକ୍ତି ପ୍ରଦର୍ଶନ କରି ଇରାନକୁ ଭୟଭୀତ କରିବାକୁ ଚେଷ୍ଟା କରୁଥିବା ବେଳେ ଇରାନ ମଧ୍ୟ ନିଜର ସମର୍ଥିତ ଗୋଷ୍ଠୀମାନଙ୍କ ମାଧ୍ୟମରେ ଆମେରିକା ଏବଂ ତାହାର ମିତ୍ର ରାଷ୍ଟ୍ରମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ କରୁଛି । ଏହି ପରିସ୍ଥିତିରେ ମଧ୍ୟପ୍ରାଚ୍ୟରେ ଏକ ନୂତନ ଶୀତଳ ଯୁଦ୍ଧର ବାତାବରଣ ସୃଷ୍ଟି ହୋଇଛି, ଯେଉଁଠାରେ ଉଭୟ ପକ୍ଷ କୌଣସି ପ୍ରକାରର ସାଲିସ୍ କରିବାକୁ ପ୍ରସ୍ତୁତ ନାହାଁନ୍ତି । ହୁଥିମାନଙ୍କ ଭଳି ଏକ ଅଣ-ରାଷ୍ଟ୍ରୀୟ ଗୋଷ୍ଠୀ କିପରି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶମାନଙ୍କର ସାମରିକ ଏବଂ ବାଣିଜ୍ୟିକ ସ୍ୱାର୍ଥକୁ ବାଧା ପହଞ୍ଚାଇ ପାରୁଛି, ତାହା ଆଧୁନିକ ଅସମମିତ ଯୁଦ୍ଧର ଏକ ଜ୍ୱଳନ୍ତ ଉଦାହରଣ ଅଟେ ।

ପରିଶେଷରେ, ଲୋହିତ ସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ଉପୁଜିଥିବା ଏହି ଭୟଙ୍କର ସଙ୍କଟ କେବଳ ଆଞ୍ଚଳିକ ସୁରକ୍ଷା ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ଅର୍ଥନୈତିକ ସ୍ଥିରତା ପାଇଁ ଏକ ବଡ଼ ବିପଦ । ଏହା ସାଧାରଣ ନାଗରିକମାନଙ୍କର ଦୁର୍ଦ୍ଦଶା ବୃଦ୍ଧି କରିବ ଏବଂ ବିଶ୍ୱ ଅର୍ଥନୀତିକୁ ରସାତଳଗାମୀ କରିବ । ଆନ୍ତର୍ଜାତିକ ସମ୍ପ୍ରଦାୟକୁ ତୁରନ୍ତ ହସ୍ତକ୍ଷେପ କରି ଯୁଦ୍ଧବିରାମ ଏବଂ ଶାନ୍ତି ଆଲୋଚନା ପାଇଁ ବାଟ ଫିଟାଇବା ଆବଶ୍ୟକ । ସମସ୍ତ ପକ୍ଷ ସଂଯମତା ଅବଲମ୍ବନ କରିବା ସହ ବିଶ୍ୱ ଶାନ୍ତି ଏବଂ ବାଣିଜ୍ୟିକ ସ୍ଥିରତା ବଜାୟ ରଖିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଆଜିର ସବୁଠାରୁ ବଡ଼ ଆବଶ୍ୟକତା ଅଟେ ।

# ଶ୍ରୀମନ୍ଦିର ଐତିହ୍ୟ ଓ ଶବ୍ଦ-ପ୍ରତୀକର ଆଇନଗତ ସୁରକ୍ଷା



ସୌଭାଗ୍ୟ ମୋହାନ୍ତି



ଶ୍ରୀଜଗନ୍ନାଥ ଧାମ କେବଳ ଓଡ଼ିଶାର ନୁହେଁ, ବରଂ ସମଗ୍ର ବିଶ୍ୱର ସନାତନ ବିଶ୍ୱାସ, ଅଧ୍ୟାତ୍ମ ଓ ସଂସ୍କୃତିର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଶ୍ରୀମନ୍ଦିରର ପବିତ୍ର ପରମ୍ପରା, ଆଧ୍ୟାତ୍ମିକ ସାଂସ୍କୃତିକ ଐତିହ୍ୟ ଏବଂ ଅନନ୍ୟ ଅସ୍ମିତାର ସୁରକ୍ଷା ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ସାମ୍ପ୍ରତିକ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସାମାଜିକ ଗଣମାଧ୍ୟମ ବାର୍ତ୍ତା ଅନୁଯାୟୀ ଟ୍ରେଡ୍‌ମାର୍କ ପଞ୍ଜୀକରଣର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହେବା ପରେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ ପାଞ୍ଚଟି ମୁଖ୍ୟ ପବିତ୍ର ଶବ୍ଦ ଓ ପ୍ରତୀକ — 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ' ସମ୍ବନ୍ଧୀୟ ଆବେଦନଗୁଡ଼ିକ ଆଗାମୀ ଟ୍ରେଡ୍‌ମାର୍କ ପତ୍ରିକାରେ ପ୍ରକାଶନ ପାଇଁ ଅନୁମୋଦିତ ହୋଇଛି, ଯାହା ଶ୍ରୀମନ୍ଦିର ସମ୍ପତ୍ତି ଓ ନାମର ବ୍ୟାବସାୟିକ ଅପବ୍ୟବହାର ରୋକିବା ଦିଗରେ ଏକ ଯୁଗାନ୍ତକାରୀ କଦମ ଅଟେ।

ଜଗନ୍ନାଥ ସଂସ୍କୃତି ପ୍ରତ୍ୟେକ ଓଡ଼ିଆର ହୃଦୟର ସ୍ପନ୍ଦନ ଏବଂ ପ୍ରାଣର ସ୍ପନ୍ଦନ। ବହୁ ସମୟରେ ବିଭିନ୍ନ ବ୍ୟାବସାୟିକ ସଂସ୍ଥା, ବ୍ୟକ୍ତିବିଶେଷ କିମ୍ବା ବେସରକାରୀ ପ୍ରତିଷ୍ଠାନଗୁଡ଼ିକ ଶ୍ରୀମନ୍ଦିର ସହ ଜଡ଼ିତ ଏହି ଅତି ପବିତ୍ର ନାମ, ପ୍ରତୀକ ଓ ମହାନ ପରମ୍ପରାକୁ ନିଜର ବ୍ୟାବସାୟିକ ସ୍ୱାର୍ଥ, ଲାଭ ଓ ପଣ୍ୟ ଦ୍ରବ୍ୟର ବିକ୍ରି ପାଇଁ ଅନଧିକୃତ ଭାବେ ବ୍ୟବହାର କରିବାର ଅନେକ ନଜିର ରହିଛି। 'ମହାପ୍ରସାଦ' ଭଳି ପରମ ପବିତ୍ର ସାତ୍ତ୍ୱିକ ଅନ୍ନ କିମ୍ବା 'ନୀଳଚକ୍ର' ଭଳି ମହାପ୍ରଭୁଙ୍କ ପାବନ ପ୍ରତୀକକୁ ଯେତେବେଳେ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ନିଜର ଉତ୍ପାଦିତ ସାମଗ୍ରୀର ନାମକରଣରେ ବ୍ୟବହାର କରନ୍ତି, ସେତେବେଳେ ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଜଗନ୍ନାଥ ଭାବଚେତନା ଓ ସାଂସ୍କୃତିକ ଭାବନାକୁ ଆଘାତ ପହଞ୍ଚାଇଥାଏ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଆଇନଗତ ବାଟରେ ଏହି ପବିତ୍ର ଶବ୍ଦଗୁଡ଼ିକର ଟ୍ରେଡ୍‌ମାର୍କ ପଞ୍ଜୀକରଣ କରାଇବା ଦ୍ୱାରା ଏସବୁର କୌଣସି ପ୍ରକାର ଅସାଧୁ କିମ୍ବା ବାଣିଜ୍ୟିକ ଅପବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୂପେ ରୋକ୍ ଲଗାଯାଇପାରିବ।

'ଜଗନ୍ନାଥ ଧାମ' ଓ 'ଶ୍ରୀକ୍ଷେତ୍ର' କେବଳ ପୁରୀର ଭୌଗୋଳିକ ନାମ ନୁହେଁ, ଏହା ଓଡ଼ିଆ ଜାତିର ସନାତନ ଆଧ୍ୟାତ୍ମିକ ଚେତନାର ଶିଖର। ସେହିପରି 'ମହାପ୍ରସାଦ' ହେଉଛି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାନତାର ପ୍ରତୀକ, ଯାହା ଶ୍ରୀମନ୍ଦିରର ଆନନ୍ଦବଜାରରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିଥାଏ। 'ନୀଳଚକ୍ର' ହେଉଛି ଶ୍ରୀମନ୍ଦିର ଶୀର୍ଷରେ ବିରାଜମାନ କରୁଥିବା ଅଭୟର ପ୍ରତୀକ ଏବଂ 'କୋଇଲି ବୈକୁଣ୍ଠ' ହେଉଛି ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବର ସମୟର ସେହି ପବିତ୍ର ଗୁପ୍ତ ସ୍ଥଳ, ଯେଉଁଠାରେ ମହାପ୍ରଭୁଙ୍କ ପାତାଳୀ ପ୍ରକ୍ରିୟା ସମ୍ପାଦିତ ହୋଇଥାଏ। ଏହି ସମସ୍ତ ନାମ ଓ ସ୍ଥାନର ଗାମ୍ଭୀର୍ଯ୍ୟ, ରହସ୍ୟ ଓ ପବିତ୍ରତା ସ୍ୱତନ୍ତ୍ର ଏବଂ ଅତୁଳନୀୟ। ଏହିସବୁ ଶବ୍ଦକୁ ବାଣିଜ୍ୟିକ ସ୍ତରରେ ସୁରକ୍ଷିତ କରାଯିବା ଦ୍ୱାରା ଶ୍ରୀମନ୍ଦିର ସଂସ୍କୃତିର ପ୍ରାଚୀନତା, ଗରିମା ଏବଂ ନିଷ୍କଳଙ୍କ ମହତ୍ତ୍ୱ କ୍ଷୁଣ୍ଣ ହେବାରୁ ରକ୍ଷା ପାଇବ। ଓଡ଼ିଆ ଜାତିର ନେତା, ଶାସକ ଓ ନାଗରିକ ଭାବେ ଆମ ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ ହେଉଛି ମହାପ୍ରଭୁଙ୍କ ସଂସ୍କୃତିର ସୁରକ୍ଷା କରିବା। ଶ୍ରୀମନ୍ଦିର ପ୍ରଶାସନର ଏହି ଦୂରଦୃଷ୍ଟିସମ୍ପନ୍ନ ଆଇନଗତ ପଦକ୍ଷେପ କେବଳ ପୁରୀ ମନ୍ଦିରର ଆଧ୍ୟାତ୍ମିକ ସମ୍ପତ୍ତିକୁ ସୁରକ୍ଷିତ କରିନାହିଁ, ବରଂ ସମଗ୍ର ଓଡ଼ିଆ ସମାଜର ଆତ୍ମା ଓ ଅସ୍ମିତାକୁ ମଧ୍ୟ ଏକ ଦୃଢ଼ ସୁରକ୍ଷା କବଚ ପ୍ରଦାନ କରିଛି। ଶ୍ରୀମନ୍ଦିରର ନୀତିକାନ୍ତି, ଆଚାର-ବିଚାର ଏବଂ ସାଂସ୍କୃତିକ ପ୍ରତୀକଗୁଡ଼ିକର ଅନୁକରଣ କିମ୍ବା ବ୍ୟାବସାୟିକ ଅପବ୍ୟବହାରକୁ ରୋକିବା ପାଇଁ ଭବିଷ୍ୟତରେ ମଧ୍ୟ ଏହିପରି ସଂସ୍କାରମୂଳକ ଓ ଆଇନଗତ ପଦକ୍ଷେପ ନିରନ୍ତର ଜାରି ରହିବା ଆବଶ୍ୟକ, ଯାହାଦ୍ୱାରା ପରମ୍ପରାଗତ ଗୌରବ ଓ ଭାବଚେତନା ଅକ୍ଷୁଣ୍ଣ ରହିବା ସହ ଆମର ଆଧ୍ୟାତ୍ମିକ ଐତିହ୍ୟ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ହୋଇପାରିବ।

ଶ୍ରୀଜଗନ୍ନାଥ ସଂସ୍କୃତି ଓ ସନାତନ ଚେତନାର ଶ୍ରେଷ୍ଠ ଗଣପର୍ବ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ବା ରଥଯାତ୍ରାର ଏହି ଅଭୂତପୂର୍ବ ଓ ଆଧ୍ୟାତ୍ମିକ ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ସାଂସ୍କୃତିକ ଐତିହ୍ୟ ଓ ପବିତ୍ର ପ୍ରତୀକଗୁଡ଼ିକର ସୁରକ୍ଷା ନିମନ୍ତେ ନିଆଯାଇଥିବା ଆଇନଗତ ନିଷ୍ପତ୍ତି ପ୍ରତ୍ୟେକ ଓଡ଼ିଆ ପାଇଁ ଏକ ଅତ୍ୟନ୍ତ ଗୌରବୋଜ୍ଜ୍ୱଳ ଓ ଐତିହାସିକ ସମ୍ବାଦ। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଯେତେବେଳେ ସମଗ୍ର ବିଶ୍ୱରୁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରରେ ଏକାଠି ହୋଇଛନ୍ତି ଏବଂ ବଡ଼ଦାଣ୍ଡ ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ କମ୍ପିତ ହେଉଛି, ସେହି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁଯାୟୀ ଟ୍ରେଡ୍‌ମାର୍କ ପଞ୍ଜୀକରଣର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇ 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ' ଭଳି ପାଞ୍ଚଟି ମୁଖ୍ୟ ପବିତ୍ର ନାମ ଓ ପ୍ରତୀକ ଆଗାମୀ ଟ୍ରେଡ୍‌ମାର୍କ ପତ୍ରିକାରେ ପ୍ରକାଶନ ପାଇଁ ଅନୁମୋଦିତ ହେବା ଶ୍ରୀଜଗନ୍ନାଥ ଧାମର ମହତ୍ତ୍ୱକୁ ସାରା ବିଶ୍ୱରେ ଅକ୍ଷୁଣ୍ଣ ରଖିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ।

ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଆ ଜାତିର ପ୍ରାଣ, ପରମ୍ପରା ଏବଂ ସାଂସ୍କୃତିକ ସ୍ୱାଭିମାନର ମହାମିଳନ। ମାତ୍ର ବିଗତ କିଛି ବର୍ଷ ହେବ ଦେଖାଯାଉଥିଲା ଯେ ବିଭିନ୍ନ ବ୍ୟାବସାୟିକ ସଂସ୍ଥା, ଅସାଧୁ ପ୍ରତିଷ୍ଠାନ ଏବଂ ବ୍ୟକ୍ତିବିଶେଷମାନେ ନିଜର ଆର୍ଥିକ ଲାଭ ଓ ପଣ୍ୟ ଦ୍ରବ୍ୟର ବିକ୍ରି ପାଇଁ ମହାପ୍ରଭୁଙ୍କ ପବିତ୍ର ନାମ, ପ୍ରତୀକ ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ଶବ୍ଦାବଳୀକୁ ଅନଧିକୃତ ଭାବେ ବ୍ୟବହାର କରୁଥିଲେ। 'ମହାପ୍ରସାଦ' ଭଳି ନିଷ୍କଳଙ୍କ ନିର୍ମାଲ୍ୟର ନାମକୁ ହୋଟେଲ, ବ୍ୟବସାୟ କିମ୍ବା ବଜାରର ସାଧାରଣ ଖାଦ୍ୟପଦାର୍ଥରେ ବ୍ୟବହାର କରିବା କିମ୍ବା 'ନୀଳଚକ୍ର' ଓ 'କୋଇଲି ବୈକୁଣ୍ଠ' ଭଳି ଗୁପ୍ତ ଓ ଆଧ୍ୟାତ୍ମିକ ସ୍ଥାନ-ପ୍ରତୀକକୁ ବାଣିଜ୍ୟିକ ବ୍ରାଣ୍ଡରେ ପରିଣତ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ଭାବନା ଗଭୀର ଭାବେ ଆହାତ ହେଉଥିଲା। ଏହି ପବିତ୍ର ରଥଯାତ୍ରା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହିସବୁ ଶବ୍ଦର ଟ୍ରେଡ୍‌ମାର୍କ ପଞ୍ଜୀକରଣ କରାଯିବା ଦ୍ୱାରା ବର୍ତ୍ତମାନ ଏହାର ଅନଧିକୃତ ଓ ଅସାଧୁ ବ୍ୟାବସାୟିକ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଆଇନଗତ ପ୍ରତିବନ୍ଧକ ଲାଗିପାରିବ।

'ଜଗନ୍ନାଥ ଧାମ' ଓ 'ଶ୍ରୀକ୍ଷେତ୍ର'ର ପବିତ୍ରତା, 'ମହାପ୍ରସାଦ'ର ଅଭେଦ ଭାବନା, 'ନୀଳଚକ୍ର'ର ଆଧ୍ୟାତ୍ମିକ ସୁରକ୍ଷା ଏବଂ 'କୋଇଲି ବୈକୁଣ୍ଠ'ର ନବକଳେବରୀୟ ଗୁପ୍ତ ଗାଥା ଓଡ଼ିଆ ଜାତିର ଚିରନ୍ତନ ସମ୍ପଦ। ରଥଯାତ୍ରାର ଏହି ମଙ୍ଗଳମୟ ମୁହୂର୍ତ୍ତରେ ଶ୍ରୀମନ୍ଦିର ସଂସ୍କୃତି, ନୀତିକାନ୍ତି ଏବଂ ଐତିହ୍ୟର ଏହି ଆଇନଗତ ସୁରକ୍ଷା ଶ୍ରୀଜଗନ୍ନାଥ ପ୍ରେମୀଙ୍କ ମନରେ ନୂତନ ଉତ୍ସାହ ଓ ସନ୍ତୋଷ ଭରିଦେଇଛି। ଜଗନ୍ନାଥ ଚେତନାକୁ ସୁରକ୍ଷିତ ରଖିବା ଏବଂ ଏହାର ଗରିମାକୁ ଦିଗବିଦିଗରେ ଅକ୍ଷୁଣ୍ଣ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନର ଏହି ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟାନୁଷ୍ଠାନ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇରହିବ।

+ମୋ: ୯୪୩୭୯୯୪୩୭୯

# ସ୍ୱାଧୀନତା ସଂଗ୍ରାମର ପିତାମହ- ତିଳକ



ଅକ୍ଷୟ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣା ମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦ୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଳକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦେଶ୍ୱରେ ସରକାର ମଣେଟଙ୍ଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣେଟଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସ ଫ୍ରୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବା କୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚେୟତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନଙ୍କ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ। ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇ ଦେଲେ। ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବୟେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ। (ସମାପ୍ତ)

+ସଦସ୍ୟ, ଓଡ଼ିଶା ସାହିତ୍ୟ
ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

କବିତା କୋଣାର୍କ

## ବାହୁଡ଼ିବେ ନୀଳକନ୍ଦର...

ତପନ ସାହୁ



ଜନମବେଦୀରୁ ଚତୁର୍ଦ୍ଧା ମୂରତି
ବାହୁଡିବେ ନୀଳକନ୍ଦର
ଭାବଡୋରି ଧରି ବିଜେହେବେ ରଥେ
ବିଶ୍ୱପତି କଳା ଠାକୁର ।।
ଗୁଣ୍ଡିଚା ମନ୍ଦିରେ ସାତଦିନ ପ୍ରଭୁ
ଭକତଙ୍କୁ ଦେଲେ ଦର୍ଶନ
ଆଡ଼ପ ଦର୍ଶନ ଆଡ଼ପ ଅଭଡ଼ା
ସବୁ ତାଙ୍କ ବିଧି ଭିଆଣ ।।
ଶିରୀମନ୍ଦିର ତ ଅନେଇ ବସିଛି
ଜଗାର ଫେରିବା ବାଟକୁ
ଅଥୟ ଆତୁର ହୋଇଲାଣି ପରା
ପାଛୋଟି ନେବ ତା' କୋଳକୁ ।।
ଶରଧା ବାଲିରେ ତିନିରଥ ଗଡେ
ଘିଡି ଘିଡି ଘିଡି ନିର୍ଘୋଷ
ମାଉସୀ ମା' ହାତୁ ପୋଡପିଠା ଖାଇ
ଜଗା ମନେ ଜାଗେ ସନ୍ତୋଷ ।।
ଜଗା ଫେରୁଥବ ବଡଦାଣ୍ଡେ ପରା
ଘଂଟା ଘଂଟି ବାଜା ନାଦରେ
ଜଗା ଭାବ-ଡୋରେ ତିନି ରଥଯାକ
ଲାଗିଯିବେ ସିଂହ ଦୁଆରେ ।।
ହେ ପ୍ରଭୁ ତୁମ ବାହୁଡ଼ା ଯାତରେ
ହରିନିଅ ଆମ ଦୁରିତ
ତୁମ୍ଭ ଦରଶନେ ଆମ ବେନିନେତ୍ର
ହୋଇଯାଉ ପୁତ ପବିତ୍ର ।।

+ଓସ୍କାର ସିଟି,
ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର
ମୋ : ୯୪୩୮୩୩୨୧୩୮

## ମାଉସୀ ମାଆର ପୋଡ଼ପିଠା

ବିନୟ କୁମାର ସାମଲ

ଆହେ ଚକାଡୋଳା
ଭକ୍ତ ଭାବେ ଭୋଳା
ତୁମେତ ବଡ଼ ଛଳିଆ,
ଗୁଣ୍ଡିଚା ଯାତରେ ରଥେ ସରାଗରେ
ସାଥେ ସୁଭଦ୍ରା ବଳିଆ,
ନଅ ଦିନ ପାଇଁ ଶ୍ରୀମନ୍ଦିର ଛାଡ଼ି
ଯାଉଛ ଗୁଣ୍ଡିଚା ଘର.
ଲକ୍ଷ୍ମୀ ସାଆନ୍ତାଣୀ ଅଣଦେଖା ପୁଣି
ସତେ କି ସେ ସାତପର !
ତୁମ ସେବାପୂଜା ପୁଣ୍ୟରୁ ବଂଚିତ
ପଣ୍ଡା ପଡ଼ିହାରୀ ଯେତେ,
ପାଳିଆ ସେବକ ପୂଜାରୀ ମାହାରୀ
ମଉନେ ଖୋଜନ୍ତି କେତେ ?
ଷାଠିଏ ପଉଟି ହେଲାକି ନିଅଣ୍ଟ
ନରୁଚେ ଛପନ ଭୋଗ ?
ଅବା ରୁଚିଲାନି ଖୋଲି କହିଲନି
ପୋଡ଼ପିଠା ମନେ ଲୋଭ ।
ଜନ୍ମବେଦୀ ମୋହ ଗୁଣ୍ଡିଚା ମା ସ୍ନେହ
ମାଉସି ମା ପୋଡ଼ପିଠା,
ବରଷକେ ଥରେ ମନେପଡ଼େ ବାରେ
ଆଉ ସବୁ ଲାଗେ ସିଠା ।
ଆଜି ବାହୁଡ଼ାରେ ମାଉସୀ ମନ୍ଦିରେ
ଅଟକେ ତୁମର ରଥ,
ତୁମ ଶ୍ରୀମୁଖରୁ 'ମା 'ଡାକ ଶୁଣିକି
ବାତ୍ସଲ୍ୟ ପରାଣ ତୃପ୍ତ ।
ମାଉସୀ ମନର ଜନ୍ମ ଜନ୍ମାନ୍ତର
ଆକୁଳିତ ଅବଶୋଷ,
ତା'ହାତରୁ ପିଠା ଖାଇ ଭାବଗ୍ରାହୀ
ପୂର୍ଣ୍ଣ କର ଅଭିଳାଷ ।

+ବେଡ଼ପଡ଼ା, ଢେଙ୍କାନାଳ
ମୋ: ୯୭୭୭୯୨୯୪୩୮



ସିନେମା ଓ ମନୋରଂଜନର ଫର୍ଦ
ଧ୍ୱନି ପ୍ରତିଧ୍ୱନି
୫ | ଶୁକ୍ରବାର, ୨୪ ଜୁଲାଇ ୨୦୨୬

# ରଣବୀର କପୁରଙ୍କ ଏହି ସୁପରହିଟ୍ ଫିଲ୍ମର ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ ସୈଫ ଅଲ୍ଲୀ ଖାନ୍



ହିନ୍ଦୀ ସିନେ ଜଗତରେ ଅମିତାଭବଚ୍ଚନଙ୍କ ଠାରୁ ଆରମ୍ଭ କରି ଶାହରୁଖ ଖାନ, ସଲମାନ ଖାନ, ଅକ୍ଷୟ କୁମାର, ଅଜୟ ଦେବଗନ ଏବଂ ଆମିର ଖାନଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ପ୍ରମୁଖ ଅଭିନେତା କେବଳ ଅଭିନୟ କରୁନଥିଲେ ବରଂ ନିଜସ୍ୱ ଫିଲ୍ମ ପ୍ରଯୋଜନା ମଧ୍ୟ କରୁଥିଲେ ।ଏହାକୁ ଦେଖି ଅଭିନେତା ସୈଫ ଅଲ୍ଲୀ ଖାନ ବି ୨୦୦୯ରେ ରିଲିଜ୍ ହୋଇଥିବା ଫିଲ୍ମ 'ଲଭ ଆଜ କଲ' ସହିତ ପ୍ରଯୋଜନା କ୍ଷେତ୍ରରେ ପ୍ରବେଶ କରିଥିଲେ । ଏହି ସମୟରେ ଘଟିଥିବା ଏକ ପ୍ରସଙ୍ଗକୁ ଦୀର୍ଘ ଦିନ ପରେ ସାର୍ବଜନୀନ କରିଛନ୍ତି ସୈଫ । ସେ କହିଛନ୍ତି ଯେ 'ଲଭ ଆଜ କଲ' ଫିଲ୍ମ ପାଇଁ ସେ ଇମତିଆଜଙ୍କ ଅନ୍ୟ ଏକ ଫିଲ୍ମକୁ ମନା କରିଥିଲେ, ଯାହା ପରେ ରଣବୀର କପୁରଙ୍କ ପାଖକୁ ଯାଇଥିଲା । ସୈଫ୍ ଅଲ୍ଲୀ ଖାନ କରିଛନ୍ତି ଯେ ତାଙ୍କୁ ପ୍ରଥମେ 'ରକଷ୍ଟାର' ଅଫର କରାଯାଇଥିଲା । ଅଭିନେତାଙ୍କ ଅନୁଯାୟୀ, 'କରୀନା ମୋତେ କହିଥିଲେ ଯେ ମୁଁ ଇମତିଆଜ୍ ଅଲ୍ଲୀଙ୍କ ସହିତ 'ଜବ୍ ୱି ମେଟ୍' କରୁଛି । ତୁମେ ତାଙ୍କୁ ଭେଟିବା ଉଚିତ । ଯେତେବେଳେ ମୁଁ ତାଙ୍କୁ ଭେଟିଲି, ସେ ମୋତେ 'ରକଷ୍ଟାର' ସମେତ ଆଉ କିଛି ଫିଲ୍ମର ଅଫର କରିଥିଲେ । ତା'ପରେ ମୁଁ ଭାବିଲି 'ଲଭ୍ ଆଜ୍ କଲ୍' ସଠିକ୍ ଫିଲ୍ମ ହେବ ।' ସୈଫ୍ ଅଲ୍ଲୀ ଖାନ 'ରକଷ୍ଟାର'କୁ ପ୍ରତ୍ୟାଖ୍ୟାନ କରିବା ପରେ, ଇମତିଆଜ୍ ଅଲ୍ଲୀଙ୍କ ଏହି ଫିଲ୍ମ ରଣବୀର କପୁରଙ୍କ ପାଖକୁ ଯାଇଥିଲା, ଏବଂ ସେ ଏହି ଚରିତ୍ରକୁ ଏତେ ଜୀବନ୍ତ କରିଥିଲେ ଯେ ଫିଲ୍ମଟି ସୁପର ହିଟ୍ ହୋଇଥିଲାଲା । ଆଉ ରଣବୀରଙ୍କୁ ଏଥିଲାଗି ଢେର ପ୍ରଶଂସା ବି ମିଳିଥିଲା । ତାଙ୍କ ସହିତ ନର୍ଗିସ୍ ଫଖ୍ରୀ ନାୟିକା ଭୂମିକାରେ ଅଭିନୟ କରିଥିଲେ । 'ଲଭ୍ ଆଜ୍ କଲ୍' ମଧ୍ୟ ଇମତିଆଜ୍ ଅଲ୍ଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା ।

# କାଦୁଅରେ ଖାଲି ପାଦରେ ଚାଲିଲେ ବିରାଟ-ଅନୁଷ୍କା: ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ନେଇ ଜିତିଲେ ସମସ୍ତଙ୍କ ମନ





ଷ୍ଟାର କ୍ରିକେଟର ବିରାଟ କୋହଲି ଏବଂ ଅଭିନେତ୍ରୀ ଅନୁଷ୍କା ଶର୍ମା ପୁଣି ଥରେ ନିଜର ଆଧ୍ୟାତ୍ମିକ ଶୈଳୀ ପାଇଁ ଚର୍ଚ୍ଚାରେ ଅଛନ୍ତି । ନିକଟରେ ଏହି ଦମ୍ପତି ବୃନ୍ଦାବନ ଗସ୍ତ କରି ଭକ୍ତିର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ବିରାଟ ଓ ଅନୁଷ୍କା ବୃନ୍ଦାବନର ଗଳିରେ କାଦୁଅ ଥିବା ସତ୍ତ୍ୱେ ଖାଲି ପାଦରେ ଚାଲୁଥିବାର ଦେଖିବାକୁ ମିଳିଥିଲା । ସେମାନଙ୍କର ଏହି ସରଳତା ଏବଂ ନମ୍ରତା ସୋସିଆଲ ମିଡିଆରେ ଭାଇରାଲ ହେବା ସହ କୋଟି କୋଟି ପ୍ରଶଂସକଙ୍କ ମନ ଜିତିଛି । ନିଜର ଏହି ଗସ୍ତ ସମୟରେ ବିରାଟ ଏବଂ ଅନୁଷ୍କା ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ଜୀ ମହାରାଜଙ୍କୁ ଭେଟିଥିଲେ । ସେମାନେ ମହାରାଜଙ୍କ ଆଶ୍ରମରେ ପହଞ୍ଚି ତାଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ କିଛି ସମୟ ଧରି ତାଙ୍କର ଆଧ୍ୟାତ୍ମିକ ପ୍ରବଚନ ଶୁଣିଥିଲେ । ଭିଡିଓରେ ଦେଖିବାକୁ ମିଳିଛି ଯେ, ଉଭୟ ଅତ୍ୟନ୍ତ ଭକ୍ତିର ସହ ହାତ ଯୋଡ଼ି ବସିଛନ୍ତି ଏବଂ ମହାରାଜଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ କରୁଛନ୍ତି । ସେଠାରେ ଉପସ୍ଥିତ ଥିବା ଭକ୍ତ ଏବଂ ସ୍ଥାନୀୟ ଲୋକଙ୍କୁ ବିରାଟ ଓ ଅନୁଷ୍କା ଅତ୍ୟନ୍ତ ଆନ୍ତରିକତାର ସହ 'ରାଧେ-ରାଧେ' କହି ଅଭିବାଦନ ଜଣାଇଥିଲେ । ଜଣେ ବିଶ୍ୱସ୍ତରୀୟ ସେଲିବ୍ରିଟି ହୋଇ ମଧ୍ୟ ସେମାନଙ୍କର ଏପରି ଅହଂକାରଶୂନ୍ୟ ବ୍ୟବହାର ଏବଂ ଧର୍ମ ପ୍ରତି ଥିବା ଗଭୀର ଆସ୍ଥା ସମସ୍ତଙ୍କୁ ପ୍ରଭାବିତ କରିଛି । କେବଳ କ୍ରିକେଟ୍ ମୈଦାନ ନୁହେଁ, ବରଂ ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ କେତେ ସମ୍ମାନ ଦିଅନ୍ତି । ସାରା ଦେଶରେ ଏହି 'ବିରୁଷ୍କା' ଯୋଡ଼ିଙ୍କୁ ନେଇ ବେଶ୍ ପ୍ରଶଂସା କରାଯାଉଛି ।

# 'ଜନ ନାୟଗନ୍' ବିଜୟଙ୍କ ଶେଷ ଫିଲ୍ମ ନୁହେଁ, ପ୍ରଥମ: ନିର୍ଦ୍ଦେଶକ ଏଚ୍. ବିନୋଦ



ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଜନ ନାୟଗନ୍' ମୁକ୍ତିଲାଭ ପୂର୍ବରୁ ଚର୍ଚ୍ଚାରେ ରହିଥିଲା । ଏହି ସମୟରେ ଫିଲ୍ମର ନିର୍ଦ୍ଦେଶକ ଏଚ୍. ବିନୋଦଙ୍କ ଏକ ବୟାନ ରାଜନୈତିକ ଓ ସିନେମା ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ସେ କହିଛନ୍ତି, 'ଜନ ନାୟାଗନ୍'କୁ ବିଜୟଙ୍କ ଶେଷ ଫିଲ୍ମ ଭାବେ ନୁହେଁ, ବରଂ ମୁଖ୍ୟମନ୍ତ୍ରୀ ବିଜୟଙ୍କ ପ୍ରଥମ ଫିଲ୍ମ ଭାବେ ଦେଖିବା ଉଚିତ ।

ଏକ ସାକ୍ଷାତକାରରେ ବିନୋଦ କହିଛନ୍ତି ଯେ ଏହା କେବଳ ଏକ ବାଣିଜ୍ୟିକ ମସଲା ଫିଲ୍ମ ନୁହେଁ, ବରଂ ଗଣତନ୍ତ୍ର, ଶାସନ ବ୍ୟବସ୍ଥା ଓ ରାଜନୀତିକୁ କେନ୍ଦ୍ର କରି ନିର୍ମିତ ଏକ ଗଭୀର କାହାଣୀ । ତାଙ୍କ କହିବାନୁସାରେ, ଫିଲ୍ମଟି ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଚାହୁଁଥିବା ଶକ୍ତି ଏବଂ ଏହାକୁ ସୁରକ୍ଷା ଦେଉଥିବା ଲୋକଙ୍କ ମଧ୍ୟର ସଂଘର୍ଷକୁ ଉପସ୍ଥାପନ କରିଛି । ଏହା ମୁକ୍ତିଲାଭ ପରେ ଏକ ବଡ଼ ରାଜନୈତିକ ବିତର୍କ ସୃଷ୍ଟି କରିପାରେ ବୋଲି ସେ ଦାବି କରିଛନ୍ତି । ବିନୋଦ କହିଛନ୍ତି ଯେ ପ୍ରାୟ ଦୁଇ ଘଣ୍ଟାର ଏହି ଫିଲ୍ମର ପ୍ରାୟ ୩୦ ମିନିଟ୍ ଅଂଶ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ଚିନ୍ତା କରିବାକୁ ବାଧ୍ୟ କରିବ । ସେ ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ ଏହି କାହାଣୀ ପ୍ରଥମେ ଅନ୍ୟ ଜଣେ ପ୍ରମୁଖ ଅଭିନେତାଙ୍କୁ ଶୁଣାଯାଇଥିଲା । କିନ୍ତୁ ଏହା ରାଜନୈତିକ କାହାଣୀ ବୋଲି ଜାଣିବା ପରେ ସେହି ଅଭିନେତା ଫିଲ୍ମ କରିବାକୁ ଆଗ୍ରହ ପ୍ରକାଶ କରି ନଥିଲେ । ନିର୍ଦ୍ଦେଶକଙ୍କ ମତରେ, 'ଜନ ନାୟାଗନ୍' କେବଳ ରାଜନୀତିକୁ ନୁହେଁ, ବରଂ ଡ୍ରୋନ୍, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ନୂତନ ପ୍ରଯୁକ୍ତି ଆଧାରିତ ଯୁଦ୍ଧର ବାସ୍ତବ ଚିତ୍ରକୁ ମଧ୍ୟ ପରଦାରେ ଉପସ୍ଥାପନ କରିବ । ସେ ୟୁକ୍ରେନ ଯୁଦ୍ଧ ଓ ଇରାନ-ଆମେରିକା ଉତ୍ତେଜନାକୁ ଉଦାହରଣ ଭାବେ ଉଲ୍ଲେଖ କରିଛନ୍ତି । ଫିଲ୍ମର ମୁକ୍ତିଲାଭକୁ ନେଇ ସେ ନିଜେ ମଧ୍ୟ ଉଦ୍ବେଗରେ ଥିବା କହିଛନ୍ତି । ତାଙ୍କ କହିବାନୁସାରେ, ଫିଲ୍ମଟିର ମୁକ୍ତିଲାଭ ଅନେକ ଥର ସ୍ଥଗିତ ହୋଇଛି ଏବଂ ବର୍ତ୍ତମାନ ଏହା ଏକ ସମ୍ବେଦନଶୀଳ ପରିସ୍ଥିତିରେ ଦର୍ଶକଙ୍କ ସାମ୍ନାକୁ ଆସୁଛି । ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ମିଳିଥିବାରୁ ୧୮ ବର୍ଷରୁ କମ୍ ବୟସର ଦର୍ଶକ ଦେଖିପାରିବେ ନାହିଁ ବୋଲି ସେ ଦୁଃଖ ପ୍ରକାଶ କରିଛନ୍ତି । ବିନୋଦ ଦାବି କରିଛନ୍ତି ଯେ 'ଜନ ନାୟାଗନ୍' ଏଭଳି ଏକ ଚଳଚ୍ଚିତ୍ର, ଯାହାର ବିଷୟବସ୍ତୁ ୧୦, ୨୦ କିମ୍ବା ୩୦ ବର୍ଷ ପରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ରହିବ । ଉଲ୍ଲେଖଯୋଗ୍ୟ, ଫିଲ୍ମରେ ବିଜୟଙ୍କ ସହ ପୂଜା ହେଗଡେ, ବବି ଦେଓଲ, ମମିତା ବୈଜୁ, ପ୍ରକାଶ ରାଜ, ଗୌତମ ବାସୁଦେବ ମେନନ୍, ପ୍ରିୟମଣି ଓ ନାରାୟଣ ପ୍ରମୁଖ ଅଭିନୟ କରିଛନ୍ତି । ଫିଲ୍ମଟି ୨୩ ଜୁଲାଇରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ ।

# ଚର୍ଚ୍ଚାରେ ସାହିବା ବାଲୀ



ବଲିଉଡ୍ ଅଭନେତା ଅର୍ଜୁନ କପୁରଙ୍କ ସହିତ ଗୋଟିଏ ଫଟୋ ପାଇଁ ଏବେ ସାହିବା ବାଲୀ ଚର୍ଚ୍ଚାର କେନ୍ଦ୍ରକୁ ଆସିଯାଇଛନ୍ତି । ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଦୁହେଁ ଏକାଠି ବସି ଭାରତ ବନାମ ଇଂଲଣ୍ଡ ମ୍ୟାଚ୍ ଉପଭୋଗ କରୁଥିବାର ସେହି ଚିତ୍ରଟି ସାମାଜିକ ଗଣମାଧ୍ୟମରେ ଖୁବ୍ ପ୍ରସାରିତ ହେଉଛି । ସେଥିପାଇଁ ସେମାନେ ଡେଟିଂ କରୁଥିବା ନେଇ ଏକ ଗୁଜବ ମଧ୍ୟ ଘୂରିବୁଲୁଛି । ଏ ନେଇ ଆଗ୍ରହ ବଢ଼ିବାର କାରଣ ବୋଧହୁଏ ଏହା ଯେ ୨୦୨୪ରେ ମଲାଇକା ଅରୋଡ଼ାଙ୍କ ସହିତ ପ୍ରେମସମ୍ପର୍କ ବିଚ୍ଛେଦ ପରେ ଅର୍ଜୁନଙ୍କ ପ୍ରେମ ଜୀବନ ଶୁଖିଲା ରହିଆସିଥିଲା । ତେଣୁ ସାହିବାଙ୍କ ବିଷୟରେ ଜାଣିବା ପାଇଁ ମଧ୍ୟ ଲୋକଙ୍କ ମନରେ ଉତ୍ସୁକତା ସୃଷ୍ଟି ହେବା ସ୍ୱାଭାବିକ । ୩୨ ବର୍ଷୀୟା ସାହିବା ହେଉଛନ୍ତି କାଶ୍ମୀରରେ ଜନ୍ମିତ ଜଣେ ଅଭିନେତ୍ରୀ ତଥା କଣ୍ଟେଣ୍ଟ କ୍ରିଏଟର । ୨୦୧୭ରେ 'ଡିଅର ମାୟା' ଚଳଚ୍ଚିତ୍ର ଜରିଆରେ ସେ ଅଭିନୟ ଜଗତରେ ପାଦ ଥାପିଥିଲେ । ତା' ପରେ ସେ 'ଲୈଲା ମଜନୁ' ଓ 'ଅମର ସିଂହ ଚମକିଲା' ପରି ଚଳଚ୍ଚିତ୍ରରେ ପାର୍ଶ୍ୱ ଭୂମିକାରେ ଅଭିନୟ କରିଛନ୍ତି । ସେ ଉପସ୍ଥାପିକା ଭାବରେ ମଧ୍ୟ ଜଣାଶୁଣା । ରୋଚକ କଥା ହେଲା ସାହିବା ଏହି ଡେଟିଂ ଚର୍ଚ୍ଚାକୁ ସିଧାସଳଖ ଖଣ୍ଡନ ନ କରି ନିଜ ଇନ୍ଷ୍ଟାଗ୍ରାମ୍‌ରେ ଅର୍ଜୁନ କପୁରଙ୍କ ସହିତ ଏକ ଫଟୋ ଛାଡ଼ିଛନ୍ତି ଏବଂ ତା' ସହିତ 'ଇଣ୍ଟରନେଟ୍‌ରେ ସବୁ କଥାକୁ ବିଶ୍ୱାସ କରନ୍ତୁ ନାହିଁ' ବୋଲି ମଜାଳିଆ ଢଙ୍ଗରେ ଉଲ୍ଲେଖ କରିଛନ୍ତି । ଅତୀତରେ ସାହିବା ଅର୍ଜୁନଙ୍କୁ ତାଙ୍କ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଥିବା କଥା ମଧ୍ୟ ଏହି ଡେଟିଂ ଗୁଜବକୁ ବଳ ଦେଉଛି । ତେବେ ସତ କ'ଣ ତାହା ଜାଣିବା ଲାଗି ପ୍ରଶଂସକମାନଙ୍କୁ ଅର୍ଜୁନଙ୍କ ପକ୍ଷ ପାଇଁ ଅପେକ୍ଷା କରିବାକୁ ପଡ଼ିବ ।

# ରାଘବଙ୍କ ସୁପରଷ୍ଟାର ସ୍ୱପ୍ନ

ରାଘବ ଜୁୟାଲଙ୍କ ପୃଷ୍ଠଭୂମି ନୃତ୍ୟଶିଳ୍ପୀରୁ ଚର୍ଚ୍ଚିତ ଅଭିନେତା ପାଲଟିବାର ଜୀବନଯାତ୍ରା ଖୁବ୍ ରୋଚକ । ଏକଦା ସେ ନୃତ୍ୟଶିଳ୍ପୀ ଭାବେ ଗୁଜୁରାଣ ମେଣ୍ଟାଇବାକୁ ସଂଘର୍ଷ କରୁଥିଲେ । ତେବେ ସେବେଠାରୁ ଭବିଷ୍ୟତ ନେଇ ତାଙ୍କର ଧାରଣା ଖୁବ୍ ସ୍ପଷ୍ଟ ରହିଆସିଛି । କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ 'କିଲ୍' ଚଳଚ୍ଚିତ୍ର ଓ 'ବ୍ୟାଡ୍ସ ଅଫ୍ ବଲିଉଡ୍' ଭଳି କାର୍ଯ୍ୟକ୍ରମରେ ଅଭିନୟ କରି ସେ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିପାରିଛନ୍ତି । ଏ ମାସ ୩୦ ତାରିଖରେ 'ଭାଇ ତେରା ଷ୍ଟାର ହୈ' ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ପ୍ରଥମ ଥର ପାଇଁ ରାଘବଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ । ଏହି ଅବସରରେ ସେ ଭବିଷ୍ୟତର ସବୁଠାରୁ ବଡ଼ ସ୍ୱପ୍ନ ବାବଦରେ ବ୍ୟାଖ୍ୟା କରି କହିଛନ୍ତି ଯେ ତାଙ୍କର ଗୋଟିଏ ଚଳଚ୍ଚିତ୍ର ୫୦୦-୬୦୦ କୋଟି ଟଙ୍କା ବ୍ୟବସାୟ କରୁ ବୋଲି ସେ ଚାହାନ୍ତି ।ଦିନେ ଚଳଚ୍ଚିତ୍ର ଆରମ୍ଭରେ 'ରାଘବ ଜୁୟାଲ-ସୁପରଷ୍ଟାର' ଲେଖା ଥିବା ଦେଖିବାର ସେ ସ୍ୱପ୍ନ ଦେଖୁଛନ୍ତି । ଏ ସ୍ୱପ୍ନ ପୂରଣ ହେବା ସହଜ ନୁହେଁ, କିନ୍ତୁ ରାଘବ ସେଥିପାଇଁ ଚିନ୍ତିତ ନୁହନ୍ତି କାରଣ ଏ ପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରା ତାଙ୍କ ପାଇଁ ସହଜ ନ ଥିଲା । ସେ ପ୍ରତିଟି ଛୋଟବଡ଼ ସୁଯୋଗର ସଦୁପଯୋଗ କରି ଆଗକୁ ବଢ଼ିଥିବାରୁ, ସଫଳତାର ସୋପାନ ଚଢ଼ିବାକୁ ବଦ୍ଧପରିକର । ତାଙ୍କ ମତରେ ପ୍ରତିଦିନ ନିଦରୁ ଉଠି, ଅସମ୍ଭବ ଜିନିଷ କରିହେବ ବୋଲି ବିଶ୍ୱାସ ନ କଲେ ବଲିଉଡ୍ ଶିଳ୍ପରେ ତିଷ୍ଠିବା ସମ୍ଭବ ନୁହେଁ । ଆଜିକାଲି ତାଙ୍କୁ କାମ କରିବାର ଅନେକ ସୁଯୋଗ ମିଳୁଥିବାରୁ ସେ କୃତଜ୍ଞତା ପ୍ରକାଶ କରିଛନ୍ତି । ଏ ବର୍ଷ ବଡ଼ଦିନ ଅବସରରେ ମୁକ୍ତିଲାଭ କରିବାକୁ ଥିବା 'କିଙ୍ଗ୍' ଚଳଚ୍ଚିତ୍ରରେ ମଧ୍ୟ ଶାହରୁଖ ଖାଁଙ୍କ ସହିତ ରାଘବଙ୍କୁ ଦେଖିବାକୁ ମିଳିବ ।




# 'ବାରାଣସୀ'ରେ ପ୍ରିୟଙ୍କା



ଜନ୍ମଦିନ ଅବସରରେ ପ୍ରିୟଙ୍କା ଚୋପ୍ରାଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ର ଏକ ନୂତନ ଲୁକ୍ ସାମ୍ନାକୁ ଆସିଛି । ଏଣ୍ଟରଟେନ୍‌ମେଣ୍ଟ ୱିକ୍‌ଲି ପକ୍ଷରୁ ସୋସିଆଲ୍ ମିଡିଆରେ ସେୟାର କରାଯାଇଥିବା ଏହି ଫିଲ୍ମର ପ୍ରଥମ ଅଫିସିଆଲ୍ ଫଟୋଗୁଡ଼ିକରେ ପ୍ରିୟଙ୍କାଙ୍କୁ ଏକ ଉଗ୍ର ଅବତାରରେ ଦେଖିବାକୁ ମିଳିଛି । ଏସ୍.ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ମନ୍ଦାକିନୀ ଚରିତ୍ରରେ ନଜର ଆସୁଛନ୍ତି, ଯିଏ ଅତ୍ୟଧିକ ଭ୍ରମଣପ୍ରିୟ । ଫଟୋରେ ସେ କଳା ପୋଷାକରେ ନଜର ଆସିଛନ୍ତି । କୁହାଯାଉଛି, ଫିଲ୍ମର ହିରୋ ମହେଶ ବାବୁଙ୍କ ସହ ଏକ ଡ୍ୟାନ୍ସ ସିକ୍ୱେନ୍ସ ସୁଟିଂ ପାଇଁ ତାଙ୍କୁ ଏହି ନୂଆ ଲୁକ୍‌ରେ ଦେଖିବାକୁ ମିଳିବ । ପ୍ରାରମ୍ଭିକ ଅବସ୍ଥାରେ ଫିଲ୍ମଟିର ତେଲୁଗୁ ଭର୍ସନ୍ ନିର୍ମିତ ହେଉଥିବା ବେଳେ ହିନ୍ଦୀ ସମେତ ତାମିଲ, ତେଲୁଗୁ, ମାଲୟାଲମ୍, କନ୍ନଡ଼ ଓ ଇଂରାଜି ଭାଷାରେ ମଧ୍ୟ ଏହା ରିଲିଜ୍ ହେବ । ମହାକାବ୍ୟ ରାମାୟଣ ଉପରେ ଏହି ଫିଲ୍ମ ଆଧାରିତ । ଏଥିରେ ମାଲୟାଲମ୍ ଷ୍ଟାର ପୃଥ୍ୱୀରାଜ ସୁକୁମାରନ୍ ଖଳନାୟକ କୁମ୍ଭ ଭୂମିକାରେ ଅଭିନୟ କରୁଛନ୍ତି । ନିକଟରେ ପ୍ରିୟଙ୍କା ସୋସିଆଲ୍ ମିଡିଆରେ ଲେଖିଥିଲେ ଯେ, ସେ ପ୍ରାୟ ୧୪ ମାସ ଧରି ଏହି ଫିଲ୍ମରେ କାମ କରୁଛନ୍ତି । ରାଜମୌଳି ଚଳଚ୍ଚିତ୍ର ନିର୍ମାଣ ପାଇଁ ବହୁତ ସମୟ ନିଅନ୍ତି ଏବଂ ଏଥିପାଇଁ ସେ ବେଶ୍ ଉତ୍ସାହିତ । ଚଳଚ୍ଚିତ୍ରଟି ୭ ଏପ୍ରିଲ୍ ୨୦୨୭ରେ ବିଶ୍ୱବ୍ୟାପୀ ଥିଏଟରରେ ମୁକ୍ତିଲାଭ କରିବ ବୋଲି କୁହାଯାଇଛି ।

# ଐତିହାସିକ ଦିଲ୍ଲୀ ଛାତ୍ର ଆନ୍ଦୋଳନ ଉପରେ ଦିଲ୍ଲୀ ପୋଲିସର ବର୍ବର ଆକ୍ରମଣ ବିରୁଦ୍ଧରେ ଭଦ୍ରକ ଓକିଲ ସଂଘର ବିକ୍ଷୋଭ ଓ ଜାତୀୟ ମାନବ ଅଧିକାର କମିଶନଙ୍କ ପାଖକୁ ଦାବିପତ୍ର




ଭଦ୍ରକ,୨୩/୦୭ (ନି.ପ୍ର): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଦିଲ୍ଲୀରେ ଚାଲିଥିବା ଐତିହାସିକ ଛାତ୍ର ଆନ୍ଦୋଳନ ଉପରେ ଦିଲ୍ଲୀ ପୋଲିସ ଯେପରି ଭାବେ ଅମାନୁଷିକ ଆକ୍ରମଣ କରି ଶହ ଶହ ଛାତ୍ର ନେତାଙ୍କୁ ଆଘାତ କରି ହସ୍ପିଟାଲରେ ପକାଇଛନ୍ତି ତାହା ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ଠାରୁ ଆହୁରି ଭୟଙ୍କର ଆକ୍ରମଣ ବୋଲି ଭଦ୍ରକ ଓକିଲ ସଂଘ ଅଭିଯୋଗ କରିଛି । ଦିଲ୍ଲୀ ପୁରୁଷ ପୋଲିସ ପକ୍ଷରୁ ଐତିହାସିକ ଛାତ୍ର ଆନ୍ଦୋଳନରେ ଯୋଗ ଦେଇଥିବା ମହିଳା ଆନ୍ଦୋଳନକାରୀ ମାନଙ୍କ ବ୍ୟକ୍ତିଗତ ସମ୍ବେଦନଶୀଳ ଗୁପ୍ତାଙ୍ଗ ଉପରେ ଆକ୍ରମଣ କରିବା ଘଟଣା ବିଶ୍ୱ ଦରବାରରେ ଭାରତର ଛବିକୁ ମଳିନ କରିଛି ଏବଂ ଏହି ଘଟଣା ପାଇଁ ଦାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ସହ ଦିଲ୍ଲୀ ପୋଲିସର ଦାଗୀ ଅଫିସର ମାନଙ୍କୁ ଗିରଫ କରାଯିବାକୁ ଭଦ୍ରକ ଓକିଲ ସଂଘ ଦାବି କରିଛି । ଉପରୋକ୍ତ ଦାବି ନେଇ ଓକିଲ ସଂଘ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜାତୀୟ ମାନବ ଅଧିକାର କମିଶନ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଆନ୍ଦୋଳନରେ ଭଦ୍ରକ ଓକିଲ ସଂଘ ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ଓକିଲ ସଂଘ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ପବନ କୁମାର ଶର୍ମା, ଆଇନଜୀବୀ ବିଜନ ଜେନା, ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଅଶୋକ ନାୟକ, ପ୍ରଫୁଲ୍ଲ ପାଢୀ, ଧିରେନ୍ଦ୍ର ରାୟ, ସନ୍ତୋଷ ମହାପାତ୍ର, ଜାମିଲ ଅହମ୍ମଦ, ନିଶିକାନ୍ତ ନାୟକ, ସନ୍ତୋଷ ନାୟକ, ବିକାଶ ନାଥ, ମହମ୍ମଦ ଜୟନୂଲ ଆବେଦିନ, ବିଜୟ ରାଉତ, ନାରାୟଣ ମହାନ୍ତି, ମାଧବାନନ୍ଦ ବେହେରା, ଦେବେନ୍ଦ୍ର ନାୟକ, କିଶୋର ଚନ୍ଦ୍ର ବଳ, ଅମ୍ରିତ ପ୍ରିତମ ନାୟକ, ଗୁରୁଜ୍ୟୋତି ମହାନ୍ତି, ଦେବବ୍ରତ ମହାପାତ୍ର, ଆଇନଜୀବି ପଦ୍ମିନୀ ବିଶ୍ୱାଳ, ପ୍ରତାପ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଆକ୍ରମଣକାରୀ ଓ ପାଶବିକ ଅତ୍ୟାଚାରୀ ପୋଲିସ ମାନଙ୍କୁ ଯଦି ଅବିଳମ୍ବେ ଗିରଫ କରାନଯାଏ, ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ବନ୍ଦ କରାଯିବ ଓ ଜୁଲାଇ ୨୪ ତାରିଖରେ ଆମ ଦେଶରେ ସଂଗଠିତ ହେବାକୁ ଥିବା ଐତିହାସିକ ସର୍ବଭାରତୀୟ ଛାତ୍ର ଧର୍ମଘଟକୁ ଭଦ୍ରକ ଓକିଲ ସଂଘ ସମର୍ଥନ କରୁଛି ବୋଲି ବରିଷ୍ଠ ଆଇନଜୀବୀ ପବନ କୁମାର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ସାରର ସୁଷମ ବଂଟନ ପାଇଁ ଆନନ୍ଦପୁର ଜିଲ୍ଲା କୃଷି ଅଧିକାରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

କେନ୍ଦୁଝର,୨୩/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନ ରେ ସ୍ୱଚ୍ଛତା ର ସହିତ ସାର ର ସୁଷମ ବଂଟନ ପାଇଁ ଆଜି ଆନନ୍ଦପୁର ଜିଲ୍ଲା କୃଷି ଅଧିକାରୀଙ୍କୁ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ଆନନ୍ଦପୁର କୃଷି ଜିଲ୍ଲାର ଆନନ୍ଦପୁର ବ୍ଲକ, ହାଟଡିହି ବ୍ଲକ ଓ ଘସିପୁରା ବ୍ଲକ୍ ରେ ୧୭୩ ଲାଇସେନ୍ସ ପ୍ରାପ୍ତ ଡିଲର ଙ୍କ ମାଧ୍ୟମରେ ଚାଷୀ ମାନଙ୍କୁ ଖରିଫ ଚାଷ ପାଇଁ ସାର ଯୋଗାଇବାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି। ଆନନ୍ଦପୁର କୃଷି ଜିଲ୍ଲାରେ ଚଳିତ ଖରିଫ ଚାଷ ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ସାର ମହଜୁତ ଥିବା ପ୍ରତିନିଧି ଦଳ ନିକଟରେ ପ୍ରକାଶ କରିଛନ୍ତି ଜିଲ୍ଲା କୃଷି ଅଧିକାରୀ ଶ୍ରୀ ନୀଳମାଧବ ଦାଶ । ସାର ର କିଭଳି ଚାଷୀ ମାନେ ପାଇପାରିବେ ସେଥିପାଇଁ ସରକାରଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।ଆନନ୍ଦପୁର ସବଡିଭିଜନ ର ୩ ବ୍ଲକରେ ସାର ବଂଟନ କୁ ତଦାରଖ କରିବା ପାଇଁ ୩ ଟି ସ୍କୁଆଡ଼ ଗଠନ କରାଯାଇଛି। ସାର ବଂଟନ ପ୍ରକ୍ରିୟାରେ ଯେଉଁ ସମବାୟ ସମିତି ତଥା ଲାଇସେନ୍ସ ପ୍ରାପ୍ତ ଡିଲର ଅସାଧୁ ଉପାୟ ଅବଲମ୍ବନ କରିବେ କିମ୍ବା ବାଧା ସୃଷ୍ଟି କରିବେ ସେମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷି ଅଧିକାରୀ ପ୍ରକାଶ କରିଛନ୍ତି।ଏହି ବିଜେପି ପ୍ରତିନିଧି ଦଳରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ବିଶ୍ୱ ପ୍ରତାପ ଜେନା, କୈଳାସ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ସାହୁ, ନିରଞ୍ଜନ ଜେନା, ଅଧିରାମ ମହାପାତ୍ର ଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

# ଜିଲ୍ଲା ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୨୩/୦୭ (ନି.ପ୍ର): ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ସାର୍ବାଙ୍ଗୀନ ବିକାଶ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ଶିକ୍ଷଣ ଫଳାଫଳ ଏବଂ 'ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ' ର ସୁଧାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷକରି ଦଶମ ଶ୍ରେଣୀ ମେଟ୍ରିକ୍ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ଆହୁରି ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଶେଷ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ 'ଉନ୍ମେଷ' କାର୍ଯ୍ୟକ୍ରମ ମାଧ୍ୟମରେ ମନୋନୀତ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୬ ଜଣ ଏ୧ ଗ୍ରେଡ (୯୦% ରୁ ଅଧିକ ମାର୍କ) ରଖି ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଏହି ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ୧୦୦ ବଦଳରେ ୨୦୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଉନ୍ମେଷ' କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଚୟନ ପ୍ରକ୍ରିୟା ପାଇଁ ଆସନ୍ତା ଜୁଲାଇ ୨୮ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୯ମ ଶ୍ରେଣୀ ପରୀକ୍ଷାରେ ୬୦% କିମ୍ବା ତା'ରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହା ବ୍ୟତୀତ ପ୍ରାଥମିକ ଶିକ୍ଷା ସ୍ତରରେ ସୁଧାର ଆଣିବା ପାଇଁ 'ଉଦିଆଁ ତାରା' କାର୍ଯ୍ୟକ୍ରମର ମଧ୍ୟ ବିଶେଷ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ଆସନ୍ତାକାଲି ଅର୍ଥାତ୍ ଜୁଲାଇ ୨୩ ତାରିଖରେ 'ଶିଶୁ ବଟିକା' ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କର 'ବେସଲାଇନ୍ ଆସେସମେଣ୍ଟ' ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ପଢ଼ିବାରେ ପଛୁଆ ଥିବା ବା ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷଣ ସ୍ତରରେ ଅଧିକ ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସମସ୍ତ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସ୍କୁଲରୁ ଡ୍ରପଆଉଟ୍ (ଅଧାରୁ ସ୍କୁଲ ଛାଡୁଥିବା ଛାତ୍ରଛାତ୍ର1) ହାର ସମ୍ପୂର୍ଣ୍ଣ କମାଇବା ଏବଂ ପ୍ରୌଢ଼ ଶିକ୍ଷାକୁ ବ୍ୟାପକ କରିବା ପାଇଁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଜିଲ୍ଲାର ୫୦,୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ତୁରନ୍ତ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି ,୨୩/୦୭ (ନି.ପ୍ର): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି ଠାରେ ଆଜି 'ଏକ୍ ପେଡ ମା କେ ନାମ' (ମା ପାଇଁ ଗଛ ଟିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ମହମ୍ମଦ ଅବିଦ୍ ହୁସେନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଅନ୍ୟାନ୍ୟ ସମ୍ମାନୀୟ ଅତିଥି ଭାବେ ରବିଶଙ୍କର ମିଶ୍ର,ଡେପୁଟି କମାଣ୍ଡେଣ୍ଟ, ବି.ଏସ୍.ଫ. , ସୁଶ୍ରୀ ପ୍ରିୟଙ୍କା ମହନ୍ତ,ଏସିଏଫ , ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ଏଚଓଡି , ବାଣିଜ୍ୟ ବିଭାଗ, ମାଲକାନଗିରି ମହାବିଦ୍ୟାଳୟ , ଇଞ୍ଜିନିୟରିଂ ବାଳକୃଷ୍ଣ ପାଢ଼ି, ରମେଶ ଚନ୍ଦ୍ର ରାଉତ, ରେଞ୍ଜର ମାଲକାନଗିରି), ହଳଧର ଶବର, ପ୍ରକଳ୍ପ ପ୍ରକାଶକ ତଥା ଅଧ୍ୟକ୍ଷ ଓ ଅନ୍ୟାନ୍ୟ ୩୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୪୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡାକ୍ତର ହୁସେନ ପ୍ରଥମେ ପରିବେଶ ଓ ଜୀବନ ପାଇଁ ବୃକ୍ଷ ର ମହତ୍ତ୍ୱ ବିଷୟ ରେ ଆଲୋକପାତ କରିଥିଲେ । ଶେଷରେ ବର, ଆମ୍ବ, ପିଜୁଳି, ଅଁଳା, ଲେମ୍ବୁ, ଜାମୁ, କରଞ୍ଜ, ଲିମ୍ବ, ଓ ସଜନା ଭଳି ପାଖାପାଖି ୧୫୦ ଗଛ ରୋପଣ ବିଦ୍ୟାଳୟ ହତାରେ ରୋପଣ କରିଥିଲେ । ଶେଷରେ ଶଶଧର ପାଣିଗ୍ରାହୀ, ଉପାଧ୍ୟକ୍ଷ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ମାଲକାନଗିରି ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ ।

# ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ଲାଠି ମାଡ଼ ଘଟଣାକୁ ନେଇ ଏ.ଆଇ.ଡି.ଏସ.ଓ ପକ୍ଷରୁ ବିକ୍ଷୋଭ ପ୍ରତିବାଦ ସଭା

ଜୟପୁର ,୨୩/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି କ୍ଷ ଦିଲ୍ଲୀରେ ସଂସଦ ଅଭିଯାନ ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ବର୍ବରତା ଲାଠି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ ବିରୁଦ୍ଧରେ ଏବଂ ଏନଟିଏ କୁ ସମ୍ପୂର୍ଣ୍ଣ ରଦ୍ଦ କରିବା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଏ.ଆଇ.ଡି.ଏସ.ଓ ପକ୍ଷରୁ ବୈପାରିଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରିଛକରେ ଏକ ପ୍ରତିବାଦ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଛି। ଏହି ପ୍ରତିବାଦ ବିକ୍ଷୋଭ ସଭାରେ ଏ.ଆଇ.ଡି.ଏସ.ଓ କୋରାପୁଟ ଜିଲ୍ଲା ସମ୍ପାଦକ ଜଗନ୍ନାଥ ହରିଜନ 'ଶିକ୍ଷା ଉପରେ ଗୋଟିଏ ପରେ ଗୋଟିଏ ଆକ୍ରମଣ ହେଉଛି। ଏହା ଶିକ୍ଷାକୁ ଧ୍ୱଂସ କରିବାର ଏକ ହୀନ ପ୍ରୟାସ। ଶିକ୍ଷାକୁ ଧ୍ୱଂସ କରିବା କୌଣସି ସମାଜର ସମସ୍ୟାର ସମାଧାନ ନୁହେଁ । ଏହା ଭବିଷ୍ୟତକୁ ଧ୍ୱଂସ କରିବାର ଏକ ଅମାନବିକ ଓ ଅବ୍ୟବହାରିକ ମାର୍ଗ। କାରଣ ଶିକ୍ଷା ହେଉଛି ଜାତିର ମେରୁଦଣ୍ଡ, ଏବଂ ଛାତ୍ରଛାତ୍ରୀମାନେ ହେଉଛନ୍ତି ଆସନ୍ତାକାଲିର ସମାଜ ନିର୍ମାତା। ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ମାନେ ଏକ ସମ୍ପୂର୍ଣ୍ଣ ପିଢ଼ିର ସ୍ୱପ୍ନ, ସମ୍ଭାବନା ଓ ପ୍ରଗତିକୁ ଦୁର୍ବଳ କରିବା। ଯେଉଁ ସମାଜ ଶିକ୍ଷାକୁ ଅବହେଳା କରେ, ସେହି ସମାଜ ଅଜ୍ଞାନତା, ବେକାରୀ ଓ ବିସ୍ମୟର ଅଟେ । ତେଣୁ ଶିକ୍ଷାର ସୁରକ୍ଷା ଓ ବିକାଶ ଆବଶ୍ୟକତା ।' କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଘୁନାଥ କମାର ଓ ଭୀମ ମାଟାମ ବକ୍ତବ୍ୟ ରଖିଥିଲେ ଓ କହିଥିଲେ 'ଯେଉଁ ଦେଶରେ ଶିକ୍ଷାର ଅଧିକାର ପାଇଁ ଛାତ୍ରଛାତ୍ରୀଙ୍କୁ ଅନଶନ କରିବାକୁ ପଡୁଛି କ୍ଷ ନିଟ ପେପର ଲିକ ଫଳରେ ୨୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଛି କିନ୍ତୁ ସରକାର ଏଥି ପ୍ରତି ଦୃଷ୍ଟି ଦେଉ ନାହାନ୍ତି । ବିଶିଷ୍ଟ ବୈଜ୍ଞାନିକ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍, ଦୀର୍ଘ ୨୦ ଦିନ ଧରି ଅନଶନ କରୁଥିବା ସତ୍ତ୍ୱେ ସରକାର ତାଙ୍କ ସହିତ କୌଣସି ଆଲୋଚନା କରିନଥିଲେ ବରଂ ଅନଶନ ଚାଲିଥିବା ସମୟରେ ବଳପୂର୍ବକ ପୋଲିସ ଉଠାଇନେବା ଏହା ଗଣତନ୍ତ୍ର ନା ଏକଛତ୍ରବାଦ ବୋଲି ପ୍ରଶ୍ନ କରାଯାଉଛି। ସୁନିଲ ମାଝୀ, ଦେବରାଜ କମାର, ଜଗବନ୍ଧୁ ଦୋରା, କୈଳାଶ ଚାଲାଣ ,ଶିବୁ ଖରା, ରାଜୁ ପାଙ୍ଗି, ବିଭୁ ଗୋଲରୀ ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ।

# କେନ୍ଦୁଝରରେ ପ୍ରଥମ ଥର ପାଇଁ କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବ

କେନ୍ଦୁଝର,୨୩/୦୭ (ନି.ପ୍ର): କେନ୍ଦୁଝରରେ ପ୍ରଥମ ଥର ପାଇଁ କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍' ଅନୁଷ୍ଠିତ ହେବ। ଆସନ୍ତା ଅକ୍ଟୋବର ୯ ଓ ୧୦ ତାରିଖ ରେ ମହୋତ୍ସବରେ ଦେଶର ବିଭିନ୍ନ ଆଂଚଳିକ ଭାଷାର ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ରର ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର ନିର୍ମାତାମାନେ ଯୋଗଦବେ। ଏହାସହ ବଲିଉଡ୍, ଓଲିଉଡ୍ ଓ ଦେଶର ଅନ୍ୟାନ୍ୟ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନେ ମଧ୍ୟ ସମର୍ଥନ ଓ ଉତ୍ସାହ ପ୍ରଦାନ କରିବା ପାଇଁ ଉପସ୍ଥିତ ରହିବେ। ଏହି ଫିଲ୍ମ ଫେଷ୍ଟିଭାଲ୍କୁ ଜୁମାକ୍ସ ଷ୍ଟୁଡିଓର ଆୟୋଜନରେ ନିରାକାନୁ ଆର୍ଲ୍ସ ଫାଉଣ୍ଡେସନ୍ ବ୍ରୋଭାଣ୍ଡା ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ର ସହଯୋଗରେ ଆୟୋଜନ କରାଯାଉଛି। ଆୟୋଜକ ଅବିନାଶ ରାଉତଙ୍କ କହିବାନୁସାରେ, ଏହି ମହୋତ୍ସବ ନବାଗତ କଳାକ ଳାକାର, ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ଚଳଚ୍ଚିତ୍ର କ୍ଷେତ୍ରର ବିଭିନ୍ନ ଟେକ୍ନିଟକ୍ନିସିଆନଙ୍କ ଙ୍କ ପାଇଁ ନିଜ ପ୍ରତିଭା ପ୍ରଦର୍ଶନ କରିବ କରିବା ସହ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। କେନ୍ଦୁଝରରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ଜାତୀୟ ସ୍ତର ଫେଷ୍ଟିଭାଲ୍ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ସୃଜନଶୀଳ ପ୍ରତିଭାକୁ ସାରା ଭାରତୀୟ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ କେନ୍ଦୁଝରକୁ ଜାତୀୟ ଚଳଚ୍ଚିତ୍ର ମାନଚିତ୍ରରେ ଏକ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଂଚାଇବ ବୋଲି ଆଶା କରାଯାଉଛି । ଏହି ଫିଲ୍ମ ଫେଷ୍ଟିଭାଲ୍ ସମ୍ପର୍କରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମାଜ କେକି କାକଳି, ସହ-ପ୍ରତିଷ୍ଠାତା ସୁଚିସ୍ମିତା ରାଉତ ଏବଂ ନିର୍ଦ୍ଦେଶକ ଅବିନାଶ ରାଉତ ଉପସ୍ଥିତ ରହି ମହୋତ୍ସବର ଉଦ୍ଦେଶ୍ୟ, ଆୟୋଜନ ଓ ରୂପରେଖା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ।

# ବିରଳ ବଜ୍ରକାପ୍ତା ଉଦ୍ଧାର: ଜଣେ ଯୁବକ ଗିରଫ

ଗଂଜାମ,୨୩/୦୭ (ନି.ପ୍ର): କିରାପଲ୍ଲୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କଘରେ ବୁଗୁଡ଼ା ଫରେଷ୍ଟରେଞ୍ଜ କର୍ମଚାରୀ ମାନେ ଚଢାଉ କରି ଏକ ବିରଳ ପ୍ରଜାତିର ବଜ୍ରକାପ୍ତା ଉଦ୍ଧାର କରିଛନ୍ତି। ବଜ୍ରକାପ୍ତାର ଓଜନ ପ୍ରାୟ ୭କେଜି୧୦୦ ରହିଛି । ଏହି ଘଟଣ ରେ ବଜ୍ରକାପ୍ତାଟିକୁ ଘରେ ରଖିଥିବା ଅଭିଯୋଗରେ ସନ୍ତୋଷ ଗଉଡ(୩୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ବଜ୍ରକାପ୍ତାଟିର ମୂଲ୍ୟ ପ୍ରାୟ ୩୫ଲକ୍ଷ ଟଙ୍କା ଆନ୍ତର୍ଜାତିକ ବଜାରରେ ହେବ ବୋଲି ରେଞ୍ଜର ମାନସ କୁମାର ସାହୁ ସୂଚନା ଦେଇଛନ୍ତି।

# ସମୁଦ୍ର କୂଳରୁ ବେଆଇନ ବାଲି ଚୋରାଚାଲାଣ: ପ୍ରଶାସନ ନିରବ

ବାଲିଆପାଳ ,୨୩/୦୭ (ନି.ପ୍ର): ବାଲିଆପାଳ ଅଞ୍ଚଳରେ ସୁବର୍ଣ୍ଣ ରେଖା ନଦୀ ବାଲି ନିୟମିତ ଚୋରା ଚାଲାଣ ହେଉଥିବା ବେଳେ ଏବେ ସମୁଦ୍ର ବାଲି ଚୋରାଚାଲାଣକୁ ନେଇ ବଢୁଛି ଚର୍ଚ୍ଚା। ଅଭିଯୋଗ ହେଉଛି, ବାଲିଆପାଳ ବ୍ଲକ ବଗୋପ ସାଗର ଅଞ୍ଚଳ ସମୁଦ୍ର କୂଳରୁ ପ୍ରତିଦିନ ଟ୍ରାକ୍ଟର ଯୋଗେ ଖୁଲମଖୁଲା ଚାଲିଛି ବେଆଇନ ବାଲି ପରିବହନ। ମାନ୍ଧାତା ବଜାର ମୁଖ୍ୟ ରାସ୍ତା ଏବଂ ଡଗରା, କଷାଫଳ, କାଳିପଦା,କାଉମାରୀ ସମେତ ବିଭିନ୍ନ ଅଞ୍ଚଳ ଦେଇ ଦୈନିକ ଯାତାୟାତ କରୁଛି ବାଲି ବୋଝେଇ ଟ୍ରାକ୍ଟର। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଦିନ ଦ୍ୱିପ୍ରହରରେ ଏତେ ବଡ଼ ଧରଣର କାରବାର ଚାଲୁଥିବା ବେଳେ ପ୍ରଶାସନ ନୀରବ କାହିଁକି? କାହାର ଛତ୍ରଛାୟାତଳେ ଚାଲିଛି ଏହି ବାଲି ମାଫିଆଙ୍କ ରାଜ? ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ଉଠୁଛି ପ୍ରଶ୍ନ ।ପରିବେଶବିତଙ୍କ ମତରେ ସମୁଦ୍ର କୂଳରୁ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଭବିଷ୍ୟତରେ ସମୁଦ୍ର ତଟ କ୍ଷୟ ଓ ପରିବେଶ ସନ୍ତୁଳନ ନଷ୍ଟ କରିପାରେ ବୋଲି କୁହାଯାଇଛି । ତଥାପି ଯଦି ଏହି କାରବାର ବନ୍ଦ ନ ହୁଏ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍କଟପୂର୍ଣ୍ଣ ହୋଇପାରେ। ସ୍ଥାନୀୟ ଅଞ୍ଚଳର ଚାରୁ ଚନ୍ଦ୍ର ଦେ, ଗଗନ ବିହାରୀ ବାରିକ, ସୁଧାକୃଷ୍ଣ ଦାସ, ହେମନ୍ତ କୁମାର ପାତ୍ର, ମୃତ୍ୟୁଞ୍ଜୟ ପ୍ରସାଦ ନାୟକ, କ୍ଷମା ସାଗର ଦାସ, ପରମାନନ୍ଦ ବେହେରା, ପ୍ରସନ୍ନ କୁମାର ମୁଦୁଲି, ଗୁଣାକର ସେଠୀ, ଲକ୍ଷ୍ମଣ କୁମାର ଟୁଡୁ ପ୍ରମୁଖ ତୁରନ୍ତ ଘଟଣାର ତଦନ୍ତ କରାଯାଇ ବେଆଇନ ବାଲି ଚୋରା ଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ତେବେ ବାଲିଆପାଳ ତହସିଲଦାର ତଦନ୍ତ କରି ଦେଖିବେ ବୋଲି ପ୍ରକାଶ କରିଛନ୍ତି।

# ତାମୁଲିଆ ଫ୍ଲାଏ ଓଭରବ୍ରିଜ ଓ ସହରର ପ୍ରମୁଖ ରାସ୍ତାରେ ଖାଲଖମା ପ୍ରସଙ୍ଗ : ତୁରନ୍ତ ମରାମତି ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ଦେଲା ସଦର କଂଗ୍ରେସ

ବାଲେଶ୍ୱର,୨୩/୦୭ (ନି.ପ୍ର): ମାତ୍ର ଏକ ବର୍ଷ ତଳେ ତାମୂଳିଆ ରେଳ ଓଭର ବ୍ରିଜ ଉପରେ ଯାଇଥିବା ପିଚୁ ରାସ୍ତା ଓ ବାଲେଶ୍ୱର ସହର ର ମୁଖ୍ୟ ପ୍ରବେଶ ପଥ ଓ ଟି ରୋଡ଼ ସମେତ ଅନ୍ୟ କେତେକ ପ୍ରବେଶ ପଥ ଗୁଡିକରେ ଖାଲ ଖମା ଓ ବଡ ବଡ ଗର୍ତ୍ତ ବର୍ଷା ଋତୁ ଆରମ୍ଭ ପୂର୍ବରୁ ସୃଷ୍ଟି ହେଲାଣି। ହେଲେ ପୂର୍ତ୍ତ ବିଭାଗ ର ନିଘା ନାହିଁ। ପଥଚାରୀ ଓ ଗାଡି ଚାଳକ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ଲୋକଙ୍କ ଅସୁବିଧା ଏବଂ ଜୀବନ ସୁରକ୍ଷା କୁ ଆଖି ଆଗରେ ରଖି ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଗୁରୁବାର ମଧ୍ୟାହ୍ନ ରେ ଜିଲ୍ଲା ପାଳ ଙ୍କୁ ରାସ୍ତା ମରାମତି ପାଇଁ ଦାବି କରି ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଦର କଂଗ୍ରେସ ର ନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା ଙ୍କ ନେତୃତ୍ୱ ରେ ଦଳୀୟ ପ୍ରତିନଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲା ପାଳ ଙ୍କୁ ସାକ୍ଷାତ କରି ତାମୂଳିଆ ରେଳବାଇ ଓଭର ବ୍ରିଜ ଉପରେ ଥିବା ପିଚୁ ରାସ୍ତା ଓ ଓଟି ରୋଡ଼ ରେ ସୃଷ୍ଟି ହୋଇଥିବା ବଡ ବଡ ଖାଲ ଓ ସେଥିରେ ବର୍ଷା ଜଳ ଭର୍ତ୍ତି ଥିବାରୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି. ତୁରନ୍ତ ବିଭାଗୀୟ ଲାଇନ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନ ଆଲୋଚନା କରି ରାସ୍ତା ଗୁଡିକୁ ମରାମତି କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଭଳି ସମସ୍ୟା ଉପରେ ପ୍ରଶାସନ ଦୃଷ୍ଟି ଦେବେ ବୋଲି ଅତିରିକ୍ତ ଜିଲ୍ଲପାଳ ପ୍ରତିଶ୍ରୁତି ଦେଇଛନ୍ତି। ସ୍ମାରକ ପତ୍ର ପ୍ରଦାନ ସମୟ ରେ ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ କୁମାର ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ସଂଖ୍ୟା ଲଘୁ ସଭାପତି ଅଜଗର ଅଲ୍ଲୀ, ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ, ଜୁବୁଲି ପଣ୍ଡା, ସାହିବା ଅଖତର, ଜୀବନ ମହାପାତ୍ର, ହର୍ଷ ଖଣ୍ଡେଲୱାଲ, ସୌରଭ ପଟ୍ଟନାୟକ, ଶେଖ ନିଜାମୁଦ୍ଦିନ , ଅବଦୁଲ କାଲାମ ଏବଂ ଚନ୍ଦ୍ରଶେଖର ଦେ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନୀଳଗିରିର ପ୍ରାଚୀନ ଓ ଐତିହାସିକ ଲକ୍ଷ୍ମୀସାଗର ପୋଖରୀକୁ ପୋତିବା ପରେ ପୁନଃଖନନ କରିବାରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି ,୨୩/୦୭ (ନି.ପ୍ର): ରାଜତନ୍ତ୍ର ଶାସନକାଳରୁ ନୀଳଗିରି ଜେଲ୍ ରୋଡରେ ଥିବା ପ୍ରାଚୀନ ଓ ଐତିହାସିକ ଲକ୍ଷ୍ମୀସାଗର ପୋଖରୀ ଉପରେ ସ୍ଥାନୀୟ ସହରାଞ୍ଚଳବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ନିର୍ଭରକରି ଆସୁଥିଲେ। ମାତ୍ର ଏବେ ସାଳନ୍ଦୀକେନାଲ କାର୍ଯ୍ୟଚାଲିଥିବା ବେଳେ ସର୍ଜମୀନ୍ ସମୟରେ ପୋଖରୀକୁ ପୋତି କେନାଲ ସଂଯୋଗ କରିବାପାଇଁ କେଉଁ ଅଦୃଶ୍ୟଶକ୍ତିର ଚାପରେ ବଶବର୍ତ୍ତୀହୋଇ ବିଭାଗୀୟ ଅଧିକାରୀମାନେ ଏକ ଐତିହାସିକ ପୋଖରୀକୁ ପୋତିବାକୁ ବାଧ୍ୟହେଲେ ତାହା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରାଚୀନ ପୋଖରୀକୁ ମାଟି ଓ ମୋରମ୍ ପକାଇ ପୋତିଦିଆଗଲା ପରେ ବହୁ ବାଦବିବାଦ ପରେ ପୁଣି ଖୋଳାଗଲା । ଖୋଳିବା ଓ ପୋତିବାରେ ଯୋଉ ଅର୍ଥ ଖର୍ଚ୍ଚହେଲା ତାହାକୁ ଭରଣ କରିଛି କିଏ, ବୋଲି ଏହାର ଉଚ୍ଚସ୍ତରୀୟ ତଦନ୍ତପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହା କେବଳ ଏକ ପ୍ରାଶାସନିକ ଓ ଆଇନଗତ ବିଚ୍ୟୁତ ନୁହଁ ବରଂ ଜନସାଧାରଣଙ୍କ ଭାବାବେଗ ଓ ନୀଳଗିରି ବାସୀଙ୍କ ପ୍ରତି ଚରମ ଅବହେଳା ବୋଲି ଚିଠିରେ ଲେଖିଛନ୍ତି। ଉକ୍ତ ପୋଖରୀଟି ନୀଳଗିରି ତହସିଲ ଅଫିସ୍, ଉପ ଜିଲ୍ଲାପାଳଙ୍କ ଅଫିସ୍ ଠାରୁ ମାତ୍ର ଶହେମିଟର ଦୂରରେ ଅବସ୍ଥିତ ଥିବା ବେଳେ ଏପରି ଏକ ବିଶାଳ କେନାଲ କାର୍ଯ୍ୟ ଚାଲିଥିବାର କିପରି କେହି ପ୍ରଶାସନିକ ଅଧିକାରୀ ଜାଣିପାରିଲେ ନାହିଁ ବୋଲି ସାଂସଦ ଚିଠିରେ ଲେଖିଛନ୍ତି। ପରେ ଏବାବଦରେ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ଜିଲ୍ଲାପାଳ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୀଘ୍ର ଉକ୍ତ ପୋଖରୀଖନନ ପାଇଁ ନିର୍ଦ୍ଦେଶ ଦେବାପରେ ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଉକ୍ତ ପୋଖରୀକୁ ମାଟି ଓ ମୋରମ ପକାଇ ପୋତିବାପାଇଁ କିଏ ଅନୁମତି ଦେଇଥିଲେ, କୋଉ ପ୍ରାଶାସନିକ କିମ୍ବା ବୈଷୟିକ ଅନୁମୋଦନ ଆଧାରରେ କାର୍ଯ୍ୟସମ୍ପନ୍ନ ହୋଇଥଲା, ଜଳାଶୟକୁ ପୋତିବାପାଇଁ ସରକାରୀ ପାଣ୍ଠିରୁ କେତେ ଅର୍ଥ ଖର୍ଚ୍ଚହୋଇଛି, ବର୍ତ୍ତମାନ ଏହାର ପୁନରୁଦ୍ଧାର ଓ ଖନନପାଇଁ କେତେ ଅତିରିକ୍ତ ଅର୍ଥ ବ୍ୟୟ କରାଯାଉଛି, ଏସବୁ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରାଯିବା ସହ ଏଥିରେ ସଂପୃକ୍ତଥିବା ଅଧିକାରୀ ,ଠିକାଦାର, ସହ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ସେମାନଙ୍କୁ ଚିହ୍ନଟ କରାଯାଇ ସମସ୍ତ ଅର୍ଥ ଆଦାୟ କରାଯାଉ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସାଂସଦଙ୍କ ଚିଠିପରେ ଏବେ ପ୍ରଶାସନ ଅଧିକାରୀଙ୍କ ଭିତରେ କାଦୁଅ ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଥିବାର ଶୁଣିବାକୁ ମିଳୁଛି।

# ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀ ଜବତ: ଜଣେ ଗିରଫ

ମାଲକାନଗିରି ,୨୩/୦୭ (ନି.ପ୍ର): ମାଲକାନଗିରି ସଦର ବ୍ଲକ ସ୍ଥିତ ଗୌଡ଼ଗୁଡା ଗ୍ରାମପଂଚାୟତ ଅନ୍ତର୍ଗତ ନୀଳିମାରୀ ଗ୍ରାମରୁ ବନ୍ଧୁକ ତିଆରି ସାମଗ୍ରୀ ସହ ଗୋଟିଏ ବନ୍ଧୁକ ଜବତ, ଜଣଙ୍କୁ ଗିରଫ କରିଛି ମାଲକାନଗିରି ପୋଲିସ। ଘଟଣାରୁ ପ୍ରକାଶ ମାସିକିଆ ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିବା ବେଳେ ଟାଟା ପାୱାର କମ୍ପାନୀର ଠିକା କର୍ମଚାରୀ ଦିପକ ବିଶ୍ୱାସଙ୍କୁ ବନ୍ଧୁକ ଦେଖାଇ ଜୀବନ ରେ ମାରିଦେବା ଧମକ ଦେଲେ ଜଣେ ବ୍ୟକ୍ତି । ମାଲକାନଗିରି ଥାନା ଅନ୍ତଗତ ନିଲିମାରି ଗ୍ରାମର ଅନୂକୁଳ ନାୟକଙ୍କ ପୂର୍ବରୁ ପ୍ରାୟ ୧୭ ହଜାର ଟଙ୍କାର ବିଦ୍ୟୁତ ବିଲ ବାକି ରହିଥିବା ବେଳେ ଗତ ମାସରେ ୨୧୯ ଟଙ୍କାର ବିଲ ଆସିଛି । ତେବେ ଟାଟା ବିଦ୍ୟୁତ କର୍ମଚାରୀ ଟଙ୍କା ଆଦାୟ କରିବାକୁ ଯାଇଥିବା ବେଳେ ତାଙ୍କୁ ପ୍ରଥମେ ଛୁରୀ ସହ ଆକ୍ରମଣ କରିଥିଲେ, ପରେ ବନ୍ଧୁକ ଦେଖାଇ ଭୟବିତ କରିଥିଲେ ଅନୂକୁଳ । ନିକଟରେ ଉପସ୍ଥିତ ଥିବା ଗ୍ରାମବାସୀ ଦୀପକୁ ନେଇ ଭୟବିତ ଅବସ୍ତାରେ ସେଠାରୁ ଖସି ଆସି ଥାନାରେ ଏତଲା ଦେଇଥିଲେ । ମାଲକାନଗିରି ଆଦର୍ଶ ଥାନା ପୋଲିସ ନିଲିମାରି ଗାଁକୁ ଯାଇ ଅନୂକୁଳ ନାୟକ କୁ ଗିରଫ କରିଛି । ହେଲେ ତାଙ୍କ ଘରେ ପୋଲିସ ଯାଞ୍ଚ ତଲାସି କରିବା ସମୟରେ ଗୋଟିଏ ବନ୍ଧୁକ ସହ ବନ୍ଧୁକ ତିଆରି କରିବା ଅନେକ ସାମଗ୍ରୀ ଜବତ ହୋଇଛି । ଉକ୍ତ ଘଟଣାର ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି ।

# ନିର୍ବାଚନୀ ତାଲିମ୍ ପର୍ଯ୍ୟବେକ୍ଷକଙ୍କ ଖୋରଧା ଜିଲ୍ଲା ପରିଦର୍ଶନ ଏବଂ ଏସଆଇଆର କାର୍ଯ୍ୟ ସମୀକ୍ଷା

ଖୋରଧା , ୨୩/୭ (ନି.ପ୍ର): କାର୍ଯ୍ୟକ୍ରମ ତଦାରଖ ନିମନ୍ତେ ରାଜ୍ୟ ଅଣୁ , କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡା, ଭାରତୀୟ ପ୍ରଶାସନିକ ଅଧିକାରୀ ଆଜି ଏକ ଦିନିକିଆ ଖୋରଧା ଜିଲ୍ଲା ଗସ୍ତରେ ଆସି, ନିର୍ବାଚନୀ ତାଲିକା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲ୍ଲା ପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜି କରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜି କରଣ ଅଧିକାରୀ ଏବଂ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳ ଜିଲ୍ଲା ସଭାପତି ତଥା ସମ୍ପାଦକ ମାନଙ୍କ ସହ ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ,୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ରମେଶ ଚନ୍ଦ୍ର ଜେନା,୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ,୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଖୋରଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ କୁମାର ବେହେରା ପାୱାର ପଏଣ୍ଟ ମାଧ୍ୟମରେ ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ଙ୍କୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ପର୍ଯ୍ୟବେକ୍ଷକ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଙ୍କୁ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ପଚାରି ସନ୍ତୋଷ ବ୍ୟକ୍ତ କରିଥିଲେ । ସେହିପରି ଭାରତୀୟ ଜାତୀୟ କଂଗ୍ରେସ ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟି ର ବଦ୍ରୀ ନାରାୟଣ ଦାଶ ଏବଂ ସି ପି ଆଇ (ଏମ୍) ଅନନ୍ତ ମଙ୍ଗରାଜ ରାଜନୈତିକ ଦଳ ଜିଲ୍ଲା ବରିଷ୍ଠ ନେତୃ ମଣ୍ଡଳୀ ସହ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରି ଖୋରଧା ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଠିକ୍ ଢଙ୍ଗରେ ଚାଲିଥିବାରୁ ରାଜନୈତିକ ଦଳ ଜିଲ୍ଲା ପ୍ରଶାସନ କୁ ସହଯୋଗ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ , ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏସ ଆଇ ଆର କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ । ଜିଲ୍ଲାରେ ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଯଥା ବି ଡି ଓ , ତହସିଲଦାର ଏବଂପୌର / ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ୩୫ ଜଣ ନିଯୁକ୍ତି ପାଇଛନ୍ତି । ଭୋଟ କେନ୍ଦ୍ର ଗୁଡ଼ିକୁ ଯୁକ୍ତିଯୁକ୍ତ ତଥା ସଙ୍ଗତ କଲାପରେ ୧୫୭୯ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ୧୨୩୮, ବିଜୁ ଜନତା ଦଳ ପକ୍ଷରୁ ୧୩୪୦, ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ୬୦୫ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ମୋଟ ୩୦୮୩ ବି ଏଲ ଏ ନିଯୁକ୍ତି ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ଅବଗତ ହୋଇଥିଲେ । ସେହିପରି ମ୍ୟାପିଂସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଣ୍ଟନ, ଡିଜିଟାଇଜେସନ, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତ୍ତି ଅଭିଯୋଗ ଶୁଣାଣୀ , ପ୍ରକୃତ ଭୋଟର, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରି ଖୋର୍ଦ୍ଧା ବ୍ଲକର ବି ଏଲ ଓ, ବି ଏଲ ଏ ମାନଙ୍କୁ କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ସ୍ୱିଟି ସୋରେନ, ଡେପୁଟି କଲେକ୍ଟର ସଂଗ୍ରାମ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

## ବିଧାୟକ ମାନସ ଦତ୍ତଙ୍କ କରକମଳରେ କୁରାଡିହା ଗ୍ରାମ ପଞ୍ଚାୟତର ନବ ନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟ 'ଗ୍ରାମ ପଞ୍ଚାୟତ ଭବନ' ଲୋକାର୍ପିତ



ବାଲେଶ୍ୱର, ୨୩/୭ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁରାଡିହା ଗ୍ରାମ ପଞ୍ଚାୟତର ନବ ନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟ 'ଗ୍ରାମ ପଞ୍ଚାୟତ ଭବନ' ଲୋକାର୍ପିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଗ୍ରାମ ପଞ୍ଚାୟତ ଭବନକୁ ଜନସେବା ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହି ଅବସରରେ ଆୟୋଜିତ ଜନସଭାରେ ଶ୍ରୀ ଦତ୍ତ କୁରାଡିହା ପଞ୍ଚାୟତର ସମସ୍ତ ଜନପ୍ରତିନିଧି ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସ୍ୱଚ୍ଛ ଓ ଦ୍ରୁତ ଜନସେବା ପ୍ରଦାନର ଏକ ସଶକ୍ତ କେନ୍ଦ୍ର ଭାବେ ଏହି ଗ୍ରାମ ପଞ୍ଚାୟତ ଭବନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ। ନୂତନ କାର୍ଯ୍ୟାଳୟରେ ଆଧୁନିକ ବ୍ୟବସ୍ଥା ମଧ୍ୟରେ ପଞ୍ଚାୟତବାସୀ ବିଭିନ୍ନ ସରକାରୀ ସେବା ଓ ଯୋଜନାର ସୁଫଳ ଅଧିକ ସୁବିଧାଜନକ ଭାବେ ପାଇପାରିବେ ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ । ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ସରପଞ୍ଚ ସୁମିତ୍ରା ବାରିକ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ହରେନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ସଦାଶିବ ଜେନା, ବୀରଭଦ୍ର ଗୋଛାୟତ, ଶଶିକାନ୍ତ ମିଶ୍ର, ପୁରୁଷୋତ୍ତମ ବାରିକ, ବରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ବାରିକ, ବିଶ୍ୱନାଥ ଧଳ, ମନୋରଞ୍ଜନ ବାରିକ, ସୁଧାକର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ପରେ କୁରାଡିହା ପଞ୍ଚାୟତରେ ସମସରପୁର ମିନି ଅଙ୍ଗନୱାଡି କେନ୍ଦ୍ରର ପୂର୍ଣ୍ଣାଙ୍ଗକରଣ ପ୍ରକଳ୍ପକୁ ଉଦଘାଟନ କରିଥିଲେ ବିଧାୟକ ଶ୍ରୀ ଦତ୍ତ । ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କର ପ୍ରାଥମିକତା । ଏହି ପ୍ରକଳ୍ପ ସ୍ଥାନୀୟ ଶିଶୁମାନଙ୍କ ସାମଗ୍ରିକ ବିକାଶ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ସହ ଉନ୍ନତ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାରେ ବିଶେଷ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କୁରାଡିହା ପଞ୍ଚାୟତବାସୀ ଯୋଗ ଦେଇଥିଲେ।

## କପ୍ତିପଦା ଏନ୍.ଏ.ସି. ଭରିଦେଇଛି ଆଶା ବହୁ ସମ୍ଭାବନାର

ଉଦଳା , ୨୩/୭ (ନି.ପ୍ର): କପ୍ତିପଦା ଏନ୍.ଏ.ସି. ଘୋଷଣା ହେବା ପରେ ବିଭିନ୍ନ ମହଲରେ ଖୁସିର ମାହୋଲ ଖେଳିଯିବା ସାଙ୍ଗକୁ ଏବେ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏହା ପ୍ରଥମ କାଉନସିଲ ବଡ଼ିର ନିର୍ବାଚନ ହୋଇଥିବାରୁ ଲୋକଙ୍କ ମଧ୍ୟରେ ନୂଆ ପ୍ରକାର ଉତ୍ସାହ ଖେଳି ଯାଇଛି । କପ୍ତିପଦାର ବିଗତ ଦିନର ଇତିହାସକୁ ନେଇ ବର୍ତମାନ ଭିତିଭୂମିକୁ ସଜାଡ଼ିବା ପାଇଁ ପ୍ରକୃଷ୍ଟ ସମୟ ଆସିଛି ବୋଲି ଅନେକ ମତ ଦେଇଛନ୍ତି । ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି ବାଘାଯତିନ ପୀଠ, ଝିଙ୍କେଶ୍ୱର ଶୈବପୀଠ, ରାଜାଗଡ଼ ଇତ୍ୟାଦି ଦର୍ଶନୀୟ ସ୍ଥାନ ଗୁଡ଼ିକୁ ଦେଖିବା ପାଇଁ ବହୁ ପର୍ଯ୍ୟଟକ ଏଠାକୁ ଆସିବାର ସମ୍ଭାବନା ରହିଛି । ତେଣୁ ଏହାର ରକ୍ଷଣାବେକ୍ଷଣ ଓ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ଭଳି ଆଖିଦୃଷ୍ଟିଆ କିଛି କାମ କରିବା ବର୍ତମାନ ଜରୁରି ହୋଇପଡ଼ିଛି । ଆଗାମୀ ନିର୍ବାଚନରେ ଯେଉଁ କାଉନସିଲବଡ଼ି କ୍ଷମତା ଦଖଲ କରିବ ସେ ଏହା ବିଚାରକୁ ନେବ ବୋଲି ଆଶା କରାଯାଉଛି । ସେହିପରି ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ଭାବରେ ପରିଚିତ 'ପଦ୍ମମାଳି' କପ୍ତିପଦା ରାଜପରିବାରର କିଛି କଥାକୁ ନେଇ ଲେଖାଯାଇଥିଲା । ଯେଉଁଥିପାଇଁକି ସମଗ୍ର ଓଡ଼ିଶାରେ କପ୍ତିପଦାରେ ରହିଛି ସ୍ୱତନ୍ତ୍ର ପରିଚୟ । ତେବେ ଏସବୁ ବିଷୟରେ ବାହାରୁ ଆସୁଥିବା ଗବେଷକ ମାନଙ୍କୁ ତଥ୍ୟ ଯୋଗାଇଦେବା ଓ ଗବେଷଣା ପାଇଁ ଭିତିଭୂମି ଆଦୌ ସଜଡ଼ା ଯାଇନାହିଁ । ଏ ବିଷୟରେ ମଧ୍ୟ ନୂଆ କାଉନସିଲ ବଡ଼ି ଚିନ୍ତା କରିବ ବୋଲି ବହୁ ଲୋକ ଆଶା ବାନ୍ଧିଛନ୍ତି । ନିର୍ବାଚନରେ ଜ୍ଞାନି, ଗୁଣି ଓ ଉଚ୍ଚଶିକ୍ଷିତ ଲୋକ ଜିତିଲେ ଏସବୁ ବିଷୟରେ ଚିନ୍ତା କରିବେ ବୋଲି କିଛି ମତ ଦେଇଛନ୍ତି । ତେବେ କପ୍ତିପଦାର ଲୋକେ କିଧରଣର ଲୋକଙ୍କୁ ଭୋଟ ଦେଇ ଜିତାଇବେ ତାହା ଦେଖିବା ବାକି ରହିଛି ।

## ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟରୁ ମିଳିଲାନି ଆଶ୍ୱସ୍ତି : ଏକକାଳୀନ ସମସ୍ତ ଏଫଆଇଆର୍‌କୁ ସୁରକ୍ଷା ଦେବାକୁ ମନାକଲେ କୋର୍ଟ

ନୂଆଦିଲ୍ଲୀ,୨୩/୭ : ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ ବରିଷ୍ଠ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କୁ ତାଙ୍କ ବିରୋଧରେ ପଞ୍ଜୀକୃତ ଏଫ୍‌ଆଇଆର୍ ମାମଲାରେ କଲିକତା ହାଇକୋର୍ଟରୁ ତୁରନ୍ତ ଆଶ୍ୱସ୍ତି ମିଳିନାହିଁ। ଗୁରୁବାର ଦିନ, ଅଦାଲତ ତାଙ୍କ ବିରୋଧରେ ଦାଖଲ ହୋଇଥିବା ସମସ୍ତ ମାମଲାରେ ଏକକାଳୀନ ଆଇନଗତ ସୁରକ୍ଷା (ସୁରକ୍ଷା) ପାଇଁ ଏକ ମୌଖିକ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅଭିଷେକ ବାନାର୍ଜୀ ନିକଟରେ ରାଜ୍ୟର ବିଭିନ୍ନ ପୋଲିସ ଷ୍ଟେସନରେ ପଞ୍ଜୀକୃତ ଆଠଟି ନୂତନ ଏଫ୍‌ଆଇଆର୍ ସମେତ ସମସ୍ତ ମାମଲା ଏକତ୍ର କରି ଗିରଫ କିମ୍ବା ବଳପୂର୍ବକ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ମାଗିଥିଲେ। ମାମଲାର ଶୁଣାଣି ସମୟରେ, ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ବିଭିନ୍ନ ଅଭିଯୋଗ ଆଧାରରେ ପଞ୍ଜୀକୃତ ହୋଇଥିବା ମାମଲାଗୁଡ଼ିକରେ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ସମ୍ଭବ ନୁହେଁ। ଶୁଣାଣି ସମୟରେ ଅଭିଷେକଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ରାଜନୈତିକ ପ୍ରତିଶୋଧର ଭାବନା ନେଇ ଭବାନୀପୁର, ସିଲିଗୁଡି, ନାକାଶିପାରା, ବିଷ୍ଣୁପୁର ସମେତ ଅନେକ ପୋଲିସ ଷ୍ଟେସନରେ ତାଙ୍କ ମକକ୍କେଲଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରଧାନମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ...

ସଂସଦର ଉଭୟ ଲୋକସଭା ଓ ରାଜ୍ୟସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାରମ୍ବାର ଗୃହ ମୁଲତବି ରହୁଛି । ଗୃହ ଭିତରେ ଓ ବାହାରେ ପ୍ରତିବାଦ କରାଯାଇଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଟ୍ୱିଟ୍ କରି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। କହିଛନ୍ତି, ଯୁବବର୍ଗଙ୍କ ଭବିଷ୍ୟତ ଓ ଶିକ୍ଷା ବ୍ୟବସ୍ଥାକୁ ସରକାର ବରବାଦ କରିଛନ୍ତି। ଛାତ୍ରଙ୍କର ତିନିଟି ଦାବି ସରକାର ପୂରଣ କରିବା ଦରକାର। ମନ୍ତ୍ରୀଙ୍କୁ ବହିଷ୍କାର, ଛାତ୍ରଙ୍କୁ କ୍ଷମା ପ୍ରାର୍ଥନା ଓ ଛାତ୍ରଙ୍କ ସହ ହିଂସାତ୍ମକ ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାହୁଲ ଗାନ୍ଧୀ ଦାବି କରିଛନ୍ତି। ସେପଟେ ତୀବ୍ର ହେଉଛି କକ୍ରୋଚ୍ ଜନତା ପାର୍ଟି- ସିଜେପିର ଆନ୍ଦୋଳନ। ଆଇନଶୃଙ୍ଖଳା ରକ୍ଷା ପାଇଁ ଦିଲ୍ଲୀରେ ବ୍ୟାପକ ପୁଲିସ ମୁତୟନ କରଯାଇଛି। ବହୁ ରାଜନୈତିକ ଦଳ ଓ ସଂଗଠନ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି। ସୋମବାର କକ୍ରୋଚ୍ ଜନତା ପାର୍ଟିର ପ୍ରତିବାଦ ସମୟରେ ଛାତ୍ରମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ଏବଂ ଦିଲ୍ଲୀର ଅନେକ ଓକିଲ ସଂଘ ନିନ୍ଦା କରିଛନ୍ତି। ସେପଟେ ସିଜେପି ପ୍ରତିବାଦ ଉପରେ ତଦନ୍ତ ପାଇଁ ଜନସ୍ୱାର୍ଥ ମାମଲାର ଶୁଣାଣି ଲାଗି ଦିଲ୍ଲୀ ହାଇକୋର୍ଟ ରାଜି ହୋଇଛନ୍ତି।

## ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର ...

ଆସୁଥିବା ବିଭିନ୍ନ ପ୍ରକାରର ବିପଦକୁ ନଷ୍ଟ କରିବାରେ ସକ୍ଷମ। କ୍ଷେପଣାସ୍ତ୍ର, ରାଡାର ଏବଂ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ସମେତ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସମସ୍ତ ପ୍ରମୁଖ ଉପାଦାନଗୁଡ଼ିକୁ ବିଭିନ୍ନ ଡିଆରଡିଓ ପରୀକ୍ଷାଗାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ବିକଶିତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'କୁଶା'ର ସଫଳ ଉଡ଼ାଣ ପରୀକ୍ଷଣ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ଦୀର୍ଘ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ କରିବାର କ୍ଷମତାକୁ ପ୍ରଦର୍ଶନ କରେ। ଏହି କ୍ଷମତା କେବଳ ହାତ ଗଣତି କିଛି ଦେଶ ପାଖରେ ଅଛି। ସେ କହିଛନ୍ତି, ଏହା ଏପରି ଏକ ପ୍ରଣାଳୀର ଆମଦାନୀ ଉପରେ ନିର୍ଭରଶୀଳତାକୁ ମଧ୍ୟ ଦୂର କରିବ ଏବଂ ଦେଶର ବାୟୁ ପ୍ରତିରକ୍ଷା କ୍ଷମତାକୁ ଉଲ୍ଲେଖନୀୟ ଭାବେ ମଜଭୁତ କରିବ। ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ଉତକ୍ଷେପଣ ସମୟରେ ସମସ୍ତ କାର୍ଯ୍ୟକଳାପ ତଦାରଖ କରିଥିଲେ ଏବଂ ସଫଳ ଫ୍ଲାଇଟ୍ ? ପରୀକ୍ଷଣରେ ସାମିଲ ସମସ୍ତ ଦଳର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ସିଏମ୍‌ଓରୁ ଫାଇଲ...

ଇଲେକ୍ଟ୍ରୋନିକ୍ସ ଉପକରଣ କିମ୍ବା ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଯାହା ନିଜ ପାଖରେ ଥିବ, ତାହା ସାଙ୍ଗରେ ଆଣିବାକୁ ପୁଲିସ ଶ୍ରୀ ବେହେରାଙ୍କ ନିକଟକୁ ପଠାଇଥିବା ନୋଟିସରେ ସ୍ପଷ୍ଟ ଭାବରେ ଦର୍ଶାଇଛି। ଏହି ନୋଟିସଟି ଜୁଲାଇ ୨୩ ତାରିଖରେ (ଆଜି) ତାଙ୍କର ପଟିଆର ଶିଶୁ ବିଭାଗର ସ୍ଥିତ ବାସଭବନ ଠିକଣାରେ ଜାରି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଗତକାଲି ବିଜେଡିର ସର୍ବେସର୍ବା କୁହାଯାଉଥିବା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ନୋଟିସ୍ ଜାରି କରି ହାଜର ପାଇଁ ନିର୍ଦ୍ଦେଶ ଦେଇଛି କମିଶନରେଟ ପୁଲିସ। ଜୁଲାଇ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ୟୁପିଡି ଅଧୀନସ୍ଥ ଏସିପି ଜୋନ୍ ?-୧ କାର୍ଯ୍ୟାଳୟରେ ହାଜର ହେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ଏହି ମାମଲାରେ ପୂର୍ବର ବିଜେଡି ସରକାରର ପ୍ରଭାବଶାଳୀ ଅଫିସର ତଥା ପୂର୍ବତନ ଆଇଟି ସଚିବ ମନୋଜ କୁମାର ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତତକାଳୀନ ପ୍ରମୁଖ ସଚିବ ରାଜେଶ କୁମାର ବର୍ମାଙ୍କୁ ନୋଟିସ୍ ଜାରି କରିଯାଇଥିଲା। ଉଭୟ ଅଧିକାରୀଙ୍କୁ ଜୁଲାଇ ୨୨ ତାରିଖ ୧୧ଟା ବେଳେ କ୍ୟାପିଟାଲ ଥାନାରେ ହାଜର ହେବା ପାଇଁ ତଦନ୍ତ ଅଧିକାରୀ ସମନ ଜାରି କରାଯାଇଥିଲା। ଗତ ୧୮ ତାରିଖରେ ମନୋଜ କୁମାର ମିଶ୍ର କ୍ୟାପିଟାଲ ଥାନାରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। କିନ୍ତୁ ଆଜି ଧାର୍ଯ୍ୟ ସମୟ ସୁଦ୍ଧା ପୂର୍ବତନ ଆଇଏଏସ୍ ଅଫିସର ରାଜେଶ ବର୍ମା କ୍ୟାପିଟାଲ ଥାନାରେ ହାଜର ହୋଇନଥିଲେ। ତେଣୁ ଶ୍ରୀ ବର୍ମାଙ୍କୁ ପୁଣି ନୋଟିସ୍ ଜାରି କରାଯାଇଛି। ଜୁଲାଇ ୩୦ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ୟୁପିଡି ଏସିପି ଜୋନ୍-୧ଙ୍କ କାର୍ଯ୍ୟାଳୟରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବା ପାଇଁ ତାଙ୍କୁ କୁହାଯାଇଛି। ୨୦୦୮ ମସିହାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଗତ ଜୁନ୍ ମାସରେ ପୁଲିସରେ ଏଫଆଇଆର ଦିଆଯାଇଥିଲା। ୨୦୨୪ ଜୁନ୍ ୪ ତାରିଖରେ ନିର୍ବାଚନ ପରିଣାମ ବିଜେପି ସପକ୍ଷରେ ଯିବା ପରେ ସିଏମଓରୁ ଗୃହ ବିଭାଗକୁ ସମସ୍ତ ଫାଇଲ ପଠାଯାଇଥିଲେ ମଧ୍ୟ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଫେରିନଥିଲା ବୋଲି ଏଫଆଇଆରରେ ଉଲ୍ଲେଖ ଥିଲା। ନୂଆ ସରକାର ଗଠନ ପରେ ଏହି ରିପୋର୍ଟଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ଖୋଜାଖୋଜି କରାଯାଇଥିଲେ ବି ଏହାର କୌଣସି ପତ୍ତା ମିଳିନଥିଲା। ଗୃହ ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ କେବଳ 'ଫାଇଲ ଖୋଜା ଚାଲିଛି' ବୋଲି ଉତ୍ତର ମିଳିଥିଲା।

## ନିଟ୍ ୟୁଜି ପ୍ରଶ୍ନପତ୍ର ଲିକର...

ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ସଞ୍ଜୀବ କୁମାର ଏହି ଲିକ ପଛରେ ଥିବା ପ୍ରମାଣ କରିବା ପାଇଁ କୌଣସି ତଥ୍ୟ ମିଳି ନଥିବା ସିବିଆଇ କହିଛି। ଘଟଣା ପରେ ସଞ୍ଜୀବ ମୁଖିଆ ଫେରାର ଥିଲେ। ପରେ ଅନ୍ୟ କିଛି ମାମଲାରେ ବିହାର ପୁଲିସ ତାଙ୍କୁ ଗିରଫ କରିଥିଲା। ନିଟ ୟୁଜି ୨୦୨୪ ମାମଲାର ଏଫଆଇଆରରେ ମଧ୍ୟ ତାଙ୍କ ନାମ ଅଭିଯୁକ୍ତ ଭାବେ ରହିଥିଲା। ପଚରାଉଚରା ପାଇଁ ସିବିଆଇ ତାଙ୍କୁ ପୁଲିସ ହେପାଜତରୁ ନେଇଥିଲା। ତଦନ୍ତର ଫଳାଫଳ ସମ୍ପର୍କରେ ସିବିଆଇ କହିଛି ଯେ "ତଦନ୍ତ ସମୟରେ ନିଟ ୟୁଜି ୨୦୨୪ ପ୍ରଶ୍ନପତ୍ର ଲିକ ମାମଲାରେ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ମିଳି ନଥିବାରୁ ସିବିଆଇ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିନଥିଲା। ଫଳସ୍ୱରୂପ ସେ ନିଟ ୟୁଜି ୨୦୨୪ ମାମଲାରେ ଜାମିନ ପାଇଥିଲେ।" ସିବିଆଇ ମାମଲାରେ ଜାମିନ ପାଇବା ପରେ ମଧ୍ୟ ସଞ୍ଜୀବ ମୁଖିଆ ନ୍ୟାୟିକ ହେପାଜତରେ ରହିଥିଲେ। ବିହାର ପୁଲିସ ତଦନ୍ତ କରୁଥିବା ଅନ୍ୟ କିଛି ମାମଲାରେ ସେ ଅଭିଯୁକ୍ତ ଅଛନ୍ତି। ସିବିଆଇ କହିଛି ଯେ ନିଟ ୟୁଜି ୨୦୨୪ ପ୍ରଶ୍ନପତ୍ର ଚୋରି ମାମଲାରେ ବିସ୍ତୃତ ତଦନ୍ତ କରି ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। କେହି ମଧ୍ୟ ଆଇନର ପ୍ରକ୍ରିୟାରୁ ଖସି ପାରିନାହାନ୍ତି। ଏହି ପ୍ରସଙ୍ଗରେ ୨୦୨୪ ମସିହାରେ ହିଁ ଯଥେଷ୍ଟ ସ୍ପଷ୍ଟୀକରଣ ଦିଆଯାଇଥିଲା। ଏବେ ତାଙ୍କୁ ଜାଣିଶୁଣି ଛାଡ଼ି ଦିଆଯାଇଥିବା ନେଇ ଯେଉଁ ପ୍ରଚାର ଚାଲିଛି, ତାହା ତଥ୍ୟଗତ ଭାବେ ଭୁଲ୍ ବୋଲି ସିବିଆଇ କହିଛି। ଅନ୍ୟପକ୍ଷରେ ସିବିଆଇର କ୍ଲିନଚିଟ୍ ପ୍ରସଙ୍ଗକୁ ନେଇ ଆମ୍ ଆଦମୀ ପାର୍ଟିର ଆବାହକ ଅରବିନ୍ଦ କେଜ୍ରିୱାଲ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଏକ୍ସରେ କହିଛନ୍ତି, "ମୋଦିଜୀଙ୍କ ସମ୍ପର୍କରେ ସମଗ୍ର ସତ୍ ପ୍ରକାଶ ପାଇଛି।




## ବଞ୍ଚିବାର ଅଧିକାର ନେଇ ଅଗଷ୍ଟ ୧୦ ଜେଲ୍ ଭରୋ ଆନ୍ଦୋଳନ




ଜଳେଶ୍ୱର ୨୩/୦୭ ଶ୍ରମିକ ସଂଗଠନ ସି ଆଇ ଟି ୟୁ, କୃଷକ ସଭା ଓ ଗ୍ରାମୀଣ କୃଷି ଶ୍ରମିକ ସଂଗଠନର ଆହ୍ୱାନ କ୍ରମେ ଏକ ମିଳିତ କନଭେନସନ ଜଳେଶ୍ୱର ସ୍ଥିତ ଭଞ୍ଜ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି କନଭେନସନର ଉଦ୍ଦେଶ୍ୟ ଥିଲା ଦେଶ ଓ ରାଜ୍ୟରେ ଯେଭଳି ସରକାର ଜନବିରୋଧୀ ନୀତି ଆପଣେଇ ଚାଲିଛନ୍ତି ତା ବିରୋଧରେ ଏକ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିବା। କୃଷକ ସଭାର ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କନଭେନସନରେ ଗ୍ରାମୀଣ କୃଷି ଶ୍ରମିକ ସଂଗଠନର ରାଜ୍ୟ ନେତା ଶିଶିର ହୁଇ ଯୋଗ ଦେଇ କହିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସମସ୍ତ ପ୍ରରୀକ୍ଷାରେ ପ୍ରଶ୍ନ ପତ୍ର ପ୍ରଘଟ ହେବା ସହିତ ଚାକିରି ବିକ୍ରି ହେଉଛି। ଫଳରେ କୋଟି କୋଟି ଯୁବକ ଯୁବତୀ ବେକାର ହେଉଛନ୍ତି। କୃଷକ ତାର ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉନଥିବା ବେଳେ ଆମେରିକା ସହିତ ସରକାର ଚୁକ୍ତି କରି ସେଠାକାର ଉତ୍ପାଦିତ କୃଷି ଦ୍ରବ୍ୟକୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ମସୁଧା ଚଳେଇଛନ୍ତି ଯାହା ଫଳରେ ଆମ ଦେଶର କୃଷକ ଆହୁରି ତଳିତଳାନ୍ତ ହେବେ।ମନେରେଗା ପ୍ରତ୍ୟାହାର କରି ଭିବିଜୀ ରାମଜୀ ଯୋଜନା ଆଣିବା ଦିନଠାରୁ ଗ୍ରାମୀଣ କୃଷି ଶ୍ରମିକମାନେ ଆଉ କାମ ପାଉ ନାହାଁନ୍ତି। ନୂତନ ଶ୍ରମ କୋର୍ଡ ଜରିଆରେ ଶ୍ରମିକମାନଙ୍କର ଅଧିକାରକୁ ଛଡ଼ାଇନେବାକୁ ମସୁଧା କରିଛନ୍ତି। ନିର୍ବାଚନ ଆସିଲେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରଲୋଭିତ କରୁଛନ୍ତି। ଏଥିରେ ନହେଲେ ଭୋଟ ଚୋରି କରି ନିର୍ବାଚନ ଜିତୁଛନ୍ତି। ନିର୍ବାଚନ କମିଶନକୁ ବ୍ୟବହାର କରି ଏସ ଆଇ ଆର ମାଧ୍ୟମରେ ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେଉଛନ୍ତି।ଡିଜିଟାଲ ପଞ୍ଜିକରଣ ନାମରେ ରେସନ କାର୍ଡ କାଟିବା,ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଭତ୍ତାରୁ ଲୋକଙ୍କୁ ବଞ୍ଚିତ କରୁଛନ୍ତି।ଏହା ଫଳରେ ଲୋକେ ବଞ୍ଚିବାର ଅଧିକାର ଟିକକ ହରାଇ ବସିଲେଣି। ସବୁଠାରୁ ଅଧିକ ଆକ୍ରମଣ ହେଉଛି ଶିକ୍ଷା ଉପରେ।ଏହାର ପ୍ରତିବାଦରେ ଯେତେବେଳେ ଛାତ୍ର ଛାତ୍ରୀମାନେ ରାସ୍ତାକୁ ଆସି ବିକ୍ଷୋଭ କରୁଛନ୍ତି ସେତେବେଳେ ସରକାର ପୋଲିସ ତଥା ଦଳୀୟ ଗୁଣ୍ଡାର ସହାୟତାରେ ମରଣାନ୍ତକ ଆକ୍ରମଣ କରୁଛନ୍ତି ଓ ଗିରଫ କରି ମିଥ୍ୟା ମକଦ୍ଦମା ରୁଜୁ କରୁଛନ୍ତି। ଗଣତନ୍ତ୍ର ଆଜି ସମ୍ପୂର୍ଣ୍ଣ ବିପନ୍ନ।ଏ ସମସ୍ତ ଜନବିରୋଧୀ ନୀତି ବିରୋଧରେ ଅଗଷ୍ଟ ୧୦ତାରିଖ ଦିନ ସମଗ୍ର ଦେଶର ଜିଲ୍ଲା ମହକୁମାରେ ସମସ୍ତ ଗଣ ସଂଗଠନ ମିଳିତ ଭାବେ ଆଇନ ଅମାନ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କନଭେନସନରେ ଘୋଷଣା କରାଯାଇଛି। 'ବଞ୍ଚିବାର ଅଧିକାର ଦିଅ ନହେଲେ ଜେଲକୁ ନିଅ' ନାରାରେ ହେବାକୁ ଥିବା ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ସିପିଏମର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କ୍ଷେତ ମଜଦୂର ୟୁନିୟନର ନେତା ଦିପ୍ତିମାନ ଆଚାର୍ଯ୍ୟ, ଶ୍ରମିକ ନେତା ପଲ୍ଟୁ ଦାସ,ନାରୀ ନେତ୍ରୀ ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ, ଯୁବନେତା ଦିଲ୍ଲୀପ ପରିଡ଼ା ପ୍ରମୁଖ ଆହ୍ୱାନ ଦେଇଛନ୍ତି। ଏହିକନଭେନସନରେ ସିଆଇଟିୟୁ, କୃଷକ ସଭା, ଗ୍ରାମୀଣ କୃଷି ଶ୍ରମିକ ସଂଗଠନର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

**AFFIDAVIT**

By virtue of an affidavit before Executive Magistrate Bhapur, I, Surya Narayan Jena, aged about 33 years, S/o- Maheswar Jena, resident of vil/P.O- Karabar, P.S Fategarh, Dist- Nayagarh declare that my correct name is Surya Narayan Jena which is reflected in my Board of Secondary Education, Orissa Certificate SL No. M2392424. But in my Aadhar Card No. 2282 7663 7983, my name is written as Narayan Jena instead of my correct name Surya Narayan Jena. Both Narayan Jena and Surya Narayan Jena are one and same person and there is no other person in this name living in the same locality.

**Surya Narayan Jena**

# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବୈଶିଙ୍ଗା, ୨୩/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦିନ +୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ପିଲାମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଅଧକ୍ଷ ଇଂରାଜୀ ବିଭାଗର ବରିଷ୍ଠ ପ୍ରଧାପକ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି କିପରି ଛାତ୍ରଛାତ୍ରୀ ନିଜକୁ ସଚେତନ ରଖି ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବେ, ଅଭିଭାବକ ମାନଙ୍କର ଆଶୀର୍ବାଦ ନେବେ, ନିଜର କର୍ମକୁ ଅଗ୍ରାଧିକାର ଦେଇ ନିଜର ଓ ବାପା ମା ଙ୍କର ସ୍ୱପ୍ନକୁ ସାକାର କରି ନିଜର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରେରଣା ଦେବା ସହିତ ଅନୁଷ୍ଠାନରେ ଉପଯୁକ୍ତ ଶୈକ୍ଷିକ ପରିବେଶ ପ୍ରଦାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ପ୍ରାଧାପକ, ଅଧାପକ ଓ ଅଧାପିକା ନିଜ ନିଜର ପରିଚୟ ଏବଂ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇ ନିଜର ମନ୍ତବ୍ୟ ମାଧମରେ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ଚାରିତ୍ରିକ ବିକାଶ ଏବଂ ଭବିଷ୍ୟତରେ ସଫଳତା ହାସଲ କରିବାପାଇଁ ପ୍ରେରଣା ଯୋଗେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନର ଅଧାପକ ଶ୍ରୀଯୁକ୍ତ ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଇତିହାସ ବିଭାଗର ଅଧାପକ ଡ଼ଃ ହରେକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଭାକୁ ସଫଳ ରୂପାୟନ କରିଥିଲେ । ଶେଷରେ ନବାଗତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୨୩/୭ (ନି.ପ୍ର): ଆଜି ଅପରାହ୍ନ ୪.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀ ଏବଂ ବାଲେଶ୍ୱର ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ପ୍ରଥମେ ଶ୍ରୀଯୁକ୍ତ ଅଗ୍ରୱାଲ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟ ପ୍ରଗତି, ଲୋକସେବା ପ୍ରଦାନ ବ୍ୟବସ୍ଥା, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ସେମାନଙ୍କ କାର୍ଯ୍ୟକ୍ରମର ଅଗ୍ରଗତି, କ୍ଷେତ୍ରସ୍ତରରେ ଦେଖାଦେଉଥିବା ସମସ୍ୟା ଏବଂ ତାହାର ସମାଧାନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା । ଏହାପରେ ସେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ପ୍ରଗତି, ମତଦାତାଙ୍କ ପଞ୍ଜୀକରଣ, ତଥ୍ୟର ସଠିକତା, ଯୋଗ୍ୟ ମତଦାତାଙ୍କ ଅନ୍ତର୍ଭୁକ୍ତି ଏବଂ ଅଯୋଗ୍ୟ ନାମ ବିଲୋପ ପ୍ରକ୍ରିୟା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ । ଜିଲ୍ଲାର ସମସ୍ତ ୮ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନେ ନିଜ ନିଜ ଅଞ୍ଚଳର ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ । ସମୀକ୍ଷା ସମୟରେ ଶ୍ରୀ ଅଗ୍ରୱାଲ ବିଭିନ୍ନ ପ୍ରସଙ୍ଗରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟାନ୍ୱୟନରେ ଦେଖା ଦେଉଥିବା ସମସ୍ୟା ଗୁଡ଼ିକର ତ୍ୱରିତ ଓ ବ୍ୟବହାରିକ ସମାଧାନ ପାଇଁ ସେ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ଉତ୍ତମ ସମନ୍ୱୟ ଏବଂ ଜନସେବାକୁ ସର୍ବାଧିକ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଜିଲ୍ଲାର ସମସ୍ତ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ERO ଓ AERO ଏବଂ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାଣ୍ଡିଆନଙ୍କୁ ନୋଟିସ୍ ପ୍ରସଙ୍ଗ: କିଛି ଥିବ ତେଣୁ ତାଙ୍କୁ ସମନ ହୋଇଛି: ଭୂପିନ୍ଦର ସିଂ

ଭୁବନେଶ୍ୱର, ୨୩/୭ (ନି.ପ୍ର): ସିଏମଓରୁ ଫାଇଲ ହଜିବା ମାମଲାରେ ପାଣ୍ଡିଆନଙ୍କୁ କମିଶନରେଟ୍ ପୋଲିସ୍ ର ନୋଟିସ ନେଇ ବିଜେଡି ନେତା ଭୂପିନ୍ଦର ସିଂ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ସେତେବେଳେ ସବୁ ବ୍ୟବସ୍ଥା ଭିତରେ ପାଣ୍ଡିଆନ ଥିଲେ । କିଛି ଥିବ ତେଣୁ ତାଙ୍କୁ ସମନ ହୋଇଛି । ସମନ ଯାହାକୁ ହେବ ସେ ଆସିବା ଦରକାର । ତେଣୁ ପାଣ୍ଡିଆନ ହାଜିର ହେବାରେ ଅସୁବିଧା କେଉଁଠି ?

# ତେଜିଲେ ମହିଳା: କୁଣ୍ଡଛକ ନିକଟରେ ବିପୁଳ ପରିମାଣର ଦେଶୀ ମଦ କଲେ ନଷ୍ଟ

ବସ୍ତା , ୨୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାବଳପୁର ଥାନା ଅନ୍ତର୍ଗତ କୁଣ୍ଡଛକ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଜବତ କଲେ ବାଗଦା ଗ୍ରାମର ମହିଳା ମନେ ।ମହିଳାଙ୍କ ତେଜ ଦେଖି ମଦ ବେପାରୀ ଛାନିଆ ହୋଇ ଦୌଡ଼ି ପଳାଇ ଥିବା ଜଣା ପଡିଛି ।ସୂଚନା ଅନୁସାରେ ଦୁବୁଲାଗଡ଼ି ପଞ୍ଚାୟତ ସହିତ ଆଖ ପାଖ ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅଳ୍ପ ବୟସରେ ଯୁବକ ମନେ ପଥଭ୍ରଷ୍ଟ ହେବା ସହିତ ବହୁ ଯୁବକ, ବୃଦ୍ଧ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡୁଛନ୍ତି ।ନଜିର ମଧ ରହିଛି । ଫଳରେ ସଦା ସର୍ବଦା ପରିବାର ମଧ୍ୟରେ ଗଣ୍ଡଗୋଳ, ମାରପିଟ, ବଳାତ୍କାର ବଢ଼ି ବଢ଼ି ଚାଲିଛି । ତେବେ ଏସବୁରେ ମୂଳ କାରଣ ଦେଶୀ ମଦ ହୋଇଥିବାରୁ ଅଞ୍ଚଳରୁ ଦେଶୀ ମଦ ବନ୍ଦ କାରିବାକୁ ସ୍ୱେଚ୍ଛାସେବୀ ମହିଳା ସଂଗଠନ ମନେ ଅଣ୍ଟା ଭିଡିଛନ୍ତି । ତେବେ ଆଜି ସକାଳ ଆଠଟା ସମୟରେ ବାଗଦା ଗ୍ରାମର ସ୍ନେହ ମୟୀ ସିଂ ନିକଟସ୍ଥ ଛାନୁଆ ଆରାଇ ଅଫିସକୁ ଯାଉଥିବା ସମୟରେ, କୁଣ୍ଡ ଛକ ନିକଟରେ କିଛି ଲୋକ ପ୍ଲାଷ୍ଟିକ ବୁରାରେ ଭର୍ତ୍ତି ଥିବା ଦେଶୀ ମଦ ପକାଇ ଚାଲି ଯିବା ଦେଖି ଶ୍ରୀମତୀ ସିଂ ଗ୍ରାମ ମହିଳା ମାନଙ୍କୁ ଖବର ଦେଇ ଥିଲେ ।ଠିକ ସେହି ସମୟରେ ମଦ ବେପାରୀ ମନେ ସେଠାରେ ପହଞ୍ଚି ମଦ ଭର୍ତ୍ତି ବୁରାକୁ ନେଇ ଯିବାକୁ ଚେଷ୍ଟା କରୁ ଥିବା ବେଳେ ମହିଳା ମନେ ଘେରି ଯିବାରୁ ବେପାରୀ ମନେ ଦୌଡ଼ି ପଳାଇଥିବା ଜଣାପଡିଛି ।ଉପସ୍ଥିତ ମହିଳା ମନେ ତୁରନ୍ତ ବାହାବ ଳପୁର ଥାନା ଓ ବସ୍ତା ଏସଡିପିଓଙ୍କୁ ଜଣାଇଥିଲେ,ପୋଲିସ ପହଁଚି ମଦ ଆଣି ଥିବା ବ୍ଲେରୋ ଗାଡିକୁ ଜବତ କରିଥିବା ବେଳେ ମଦ ସବୁ ନଷ୍ଟ କରିଥିଲେ ମହିଳା ମନେ ଏବଂ ମଦ ଯୋଗୁଁ ନିଜ ନିଜର ସଂସାର ଉଜୁଡୁଥିବାରୁ ମହିଳାମାନଙ୍କୁ ସୁରକ୍ଷା ଦେବାକୁ ଏସଡିପିଓ ଙ୍କ ନିକଟରେ ଦାବି କରିଥିଲେ ।

# ଆଦର୍ଶ ଶିକ୍ଷକ ଗୌରାଙ୍ଗ ପ୍ରଧାନଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରୁ ଅବସର ନେଇଥିବା ଜଣେ ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ଗାନ୍ଧିବାଦୀ ବ୍ୟକ୍ତି ତଥା ସହଦେବଖୁଣ୍ଟା ବାସିନ୍ଦା ଗୌରାଙ୍ଗ ପ୍ରଧାନଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଛି । ସ୍ୱର୍ଗତ ପ୍ରଧାନଙ୍କ ଏକାଦଶାହ ସନ୍ଧ୍ୟାରେ ସ୍ୱର୍ଣ୍ଣଚୂଡ଼ ହୋଟେଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କର ପୁଅ, ଝିଅ, ପୁତ୍ରବଧୂ ଓ ଜାମାତାମାନଙ୍କ ସହ ଜ୍ଞାତିକୁଟୁମ୍ବ, ପଡ଼ୋଶୀ ଓ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲା ହାଇସ୍କୁଲ୍‌ର ଗତ ୧୯୮୦ ମସିହା ବ୍ୟାଚ୍‌ର ଅନେକ ଛାତ୍ର ଯୋଗ ଦେଇ ତାଙ୍କ ପ୍ରିୟ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ପ୍ରଧାନ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେ ଖଦଡ଼ ବସ୍ତ୍ର ବ୍ୟବହାର କରୁଥିଲେ ଓ ପାଦରେ ଯୋତା ବା ଚପଲ ପିନ୍ଧି ନଥିଲେ । ସାଇକେଲ୍ ତାଙ୍କର ଏକମାତ୍ର ବାହନ ନଥିଲା । ଶ୍ରୀଶ୍ରୀ ନିଗମାନନ୍ଦଙ୍କ ଆଶ୍ରିତ ଥାଇ ସେ ଜୀବନବ୍ୟାପୀ ଶାକାହାରୀ ଥିଲେ ଓ ସମୟାନୁବର୍ତ୍ତିତାକୁ ସେ ଗୁରୁତ୍ୱ ଦେଉଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବକ୍ତା ପ୍ରକାଶ କରିଥିଲେ । ସେ ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ ବୋଲି ସେମାନେ ମତ ଦେଇଥିଲେ । ସର୍ବଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ମନୋଜ ନାୟକ, ଡ. କାଳିପଦ ପଣ୍ଡା, ପ୍ରଣବ ପରିଡ଼ା, ଭୂଦେବ ମହାପାତ୍ର, ମାନସ ମହାନ୍ତି, ରାଜନାରାୟଣ ଦାସ, ମୁକ୍ତାର ଅହମ୍ମଦ, ସୁବଳ ପ୍ରଧାନ, ବାସୁଦେବ ପାତ୍ର, ପୁଷ୍ପଲତା ଲେଙ୍କା, ପ୍ରଦୀପ୍ତ ମହାନ୍ତି, ଦେବାଶୀଷ ଦାସମହାପାତ୍ର, ପୁତ୍ର ଗୁରୁପଦ ପ୍ରଧାନ, କନ୍ୟା କ୍ରିଷ୍ଣା ପ୍ରଧାନ ଓ କନକ ପ୍ରଧାନ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ ।

## ନିଟ ପରୀକ୍ଷାରେ ନଟାକଟା ପଞ୍ଚାୟତର ଛାତ୍ରଙ୍କ ସଫଳତା



ବସ୍ତା, ୨୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତର ଚାଷିପଡ଼ା ଗ୍ରାମର ଦିଲିପ କୁମାର ବେହେରା ଓ ମାତା ସସ୍ମିତା ବେହେରାଙ୍କ ପୁତ୍ର ଉଦିତ ବେହେରା ନିଟ ପରୀକ୍ଷାରେ ୭୨୦ ରୁ ୬୫୩ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ସେ ସର୍ବଭାର ତୀୟ ସ୍ତରରେ ୧୨୭୪ ରେଙ୍କ ହାସଲ କରି ଅମର୍ଦା।ରୋଡ ନଟାକଟା ପଞ୍ଚାୟତକୁ ଗୌରାବନିତ କରିଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି କୃତଜ୍ଞତା ଜଣାଇଛନ୍ତି । ତାଙ୍କୁ ପଚାରିବାରୁ ସେ ଏହି ସଫଳତା ବାପା,ମା, ଜେଜେ ବାପା, ଜେଜେମା, ଶିକ୍ଷକ/ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କୁ ପଚାରିବାରୁ ସେ କହିଛନ୍ତି ଡାକ୍ତର ହେବି ଏବଂ ରୋଗୀ ସେବା ନିଷ୍ଠାର ସହ ସେବା ଯୋଗାଇବି ଏବଂ ରାଜ୍ୟବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବି ବୋଲି ପ୍ରକାଶ କରିଛନ୍ତି । ତାଙ୍କ ସଫଳତାକୁ ନେଇ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟୁଛି ।

## ଖୋଲିଲା ଆଉ ୪ ସ୍ଲୁଇସ୍ ଗେଟ୍

ସମ୍ବଲପୁର, ୨୩/୭ (ନି.ପ୍ର): ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାରରୁ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ ପରେ ସ୍ଥିତିକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ସୁଦ୍ଧା ଆଉ ୪ଟି ସ୍ଲୁଇସ୍ ଗେଟ୍ (ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୩ଟି ଓ ଡାହାଣ ପାର୍ଶ୍ୱ ଡାଇକ୍‌ର ୧ଟି) ଖୋଲାଯାଇଛି । ଫଳରେ ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି ।

# ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା, ୨୩/୭ (ନି.ପ୍ର): ଆଗାମୀ ୮୦ତମ ସ୍ୱାଧୀନତା ଦିବସର ଜିଲ୍ଲାସ୍ତରୀୟ ପାଳନକୁ ସୁଚାରୁ ଓ ସୁପରିଚାଳିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କିତ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି ଉପରେ ବିସ୍ତୃତ ସମୀକ୍ଷା କରାଯିବା ସହ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ଦାୟିତ୍ୱ ସଫଳତାର ସହ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହ ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆରେ ଅନୁଷ୍ଠିତ ହେବ । ସେହିଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସଙ୍ଗୀତ ପରିବେଷଣ କରାଯାଇ ସହର ପରିକ୍ରମା କରାଯିବ । ସକାଳ ୯.୧୫ ଘଟିକାରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ଫଳ ବଣ୍ଟନ କରାଯିବ । ସେହିପରି ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନ ପରିସରରେ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୌତମ କିସାନ, ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ବିଜୟ କୁମାର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ପରିଡ଼ା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦାର ପ୍ରକଳ୍ପ ପ୍ରଶାସକ ଶ୍ରୀ ପ୍ରଣୟ ରଞ୍ଜନ ବେହେରା, ରିଜର୍ଭ ଇନ୍ସପେକ୍ଟର ଶ୍ରୀ ଆଲୋକ କାନୁନଗୋ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ତାପସ କୁମାର ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ପ୍ରଶାସନର ପ୍ରତିନିଧି, ଅଗ୍ନିଶମ ଅଧିକାରୀ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା ବୈଠକକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୈଠକ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।










❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida